## ଖୋର୍ଦ୍ଧା ଜିଲା: ପାସ୍ ହାର ୮୭.୨୮ %

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ଜିଲାରେ ଚଳିତ ବର୍ଷ ମାଟ୍ରିକ ପାସ୍ ହାର ୮୭.୨୮ % ହେବା ସହ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଜିଲାରେ ପାସ୍ ହାରରେ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଛନ୍ତି। ଏଥର ଜିଲାରେ ୨୬,୭୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏ୧ ଗ୍ରେଡ୍‌ରେ ୧୮୨, ଏ୨ରେ ୯୫୨, ବି୧ରେ ୧୭୨୧, ବି୨ରେ ୨୬୧୦, ସିରେ ୩୫୭୯, ଡିରେ ୫୩୧୫, ଇରେ ୮୯୬୭ ଏବଂ ଏଫ୍ ଗ୍ରେଡ୍‌ରେ ୩୩୧୫ ଜଣ ରହିଛନ୍ତି। ୨୩,୩୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧,୨୫୬ ଜଣ ଛାତ୍ର ଓ ୧୨,୦୭୦ ଛାତ୍ରୀ ଅଛନ୍ତି। ରାଜ୍ୟରେ ଏ ୧ ଏବଂ ଏ ୨ ଗ୍ରେଡ୍‌ରେ ପିଲାଙ୍କ ସଫଳତା ନେଇ ଖୋର୍ଦ୍ଧା ଜିଲା ସର୍ବୋଚ୍ଚ ସ୍ଥାନରେ ରହିଛି ବୋଲି ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୨ ଗିରଫ

#### ୨ କାର୍, ୪ ବାଇକ୍ ଜବତ

**ପୁରୀ ଅଫିସ, ୨୯।୭:** ଚନ୍ଦନପୁର ଥାନା ଅଞ୍ଚଳରେ ବୁଧବାର ଏକ ବଡ଼ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିଛି। ସେଠାରୁ ୧୨ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବାବେଳେ ୨ଟି କାର, ୪ଟି ବାଇକ୍ ଏବଂ ନଗଦ ଟଙ୍କା ଜବତ କରାଯାଇଛି ବୋଲି ଆଇଆଇସି ପ୍ରିୟରଞ୍ଜନ ନାୟକ କହିଛନ୍ତି। ତଳଜଙ୍ଗ ଗ୍ରାମରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ଚନ୍ଦନପୁର ଥାନାର ଏକ ଟିମ୍ ଚଢ଼ାଉ କରିଥିଲା। କେତେଜଣ ଜୁଆଡ଼ି ଖସିଯିବାକୁ ସକ୍ଷମ ହୋଇଥିବାବେଳେ ୧୨ ଜଣଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା କରାଯାଉଛି। ଏ ନେଇ ମାମଲା ରୁଜୁ କରାଯିବା ପରେ ଅଭିଯୁକ୍ତଙ୍କ ନାମ ସ୍ପଷ୍ଟ କରାଯିବ।

### ୩୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଯୋଗାଣ ମନ୍ତ୍ରୀ



**ଡିଗିରିଆ, ୨୯।୭ (ଡି.ଏନ୍.ଏ.):** ଡିଗିରିଆ ବ୍ଲକ ସଭାଗୃହରେ ୧୪ ପଞ୍ଚାୟତ ପାଇଁ ୩୦ଟି ବିଭିନ୍ନ ପ୍ରକଳ୍ପର ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିଡିଓ କନ୍‌ଫରେନ୍ସ ଜରିଆରେ ଏସବୁ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏସବୁ ପ୍ରକଳ୍ପ ନିମନ୍ତେ ୨କୋଟି ୯୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏସବୁ ପ୍ରକଳ୍ପ ମଧ୍ୟରେ କଲ୍ୟାଣ ମଣ୍ଡପ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିମୟୀ ବେହେରା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୁପା ଦଲେଇ, ଉପାଧ୍ୟକ୍ଷ ଗୌରହରି ପରିଡା, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଯୁକ୍ତରାଷ୍ଟ୍ର ଓଡ଼ିଆ ସମାଜ ପକ୍ଷରୁ ରିଲିଫ ପାଣ୍ଠିକୁ ଦାନ

**ଭୁବନେଶ୍ୱର,୨୯।୭(ବ୍ୟୁରୋ):** ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକଙ୍କ ନେତୃତ୍ୱରେ ଲଣ୍ଡନରେ ବସବାସ କରୁଥିବା ଓଡ଼ିଆମାନଙ୍କୁ ନେଇ ଗଠିତ ଯୁକ୍ତରାଷ୍ଟ୍ର ଓଡ଼ିଶା ସୋସାଇଟି ତରଫରୁ ରାଜ୍ୟରେ କୋଭିଡ୍ ଲଢ଼େଇ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୭ଲକ୍ଷ ୩୩ ହଜାର ୫୦୦ଟଙ୍କା ଦାନ କରାଯାଇଛି। ସୋସାଇଟିର ସାଂସ୍କୃତିକ ସମ୍ପାଦକ ତଥା ବ୍ରିଟେନ ସ୍ୱାସ୍ଥ୍ୟସେବା କର୍ମକର୍ତ୍ତା ଭାଗ୍ୟଶ୍ରୀ ସିଂ ବୁଧବାର ଅମର ପଟ୍ଟନାୟକଙ୍କ ସହ ଆସି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ଏହି ରାଶିର ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ଡ୍ରାଫ୍ଟ ଗ୍ରହଣକରି ମୁଖ୍ୟ ଶାସନ ସଚିବ ଲଣ୍ଡନରେ ରହୁଥିବା ଓଡ଼ିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଅମର କହିଛନ୍ତି ଯେ, ଚଳିତ ବର୍ଷ ଜୁନ୍‌ରେ ତାଙ୍କ ଲଣ୍ଡନ ଗସ୍ତ ସମୟରେ ସେ ଲଣ୍ଡନରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ କାର୍ଯ୍ୟାଳୟ ପରିସରରେ ଆଲୋଚନା ହୋଇଛି। ଆଲୋଚନା ପରେ ଯୁକ୍ତରାଷ୍ଟ୍ର ଓଡ଼ିଆ ସୋସାଇଟିର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ ହୋଇଥିଲା। ସୋସାଇଟି ସଦସ୍ୟଙ୍କ ପ୍ରଚେଷ୍ଟାରେ ଏହି ପାଣ୍ଠି ଯୋଗାଡ଼ ହୋଇଛି।

### ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୨୯।୭:** ସର୍ବଭାରତୀୟ ବିଏସଏନଏଲ ଅଧିକାରୀ ସଂଘ, ଓଡ଼ିଶା ସର୍କଲର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଗତ ୧୭ ଜୁଲାଇରେ ସଂଘ କାର୍ଯ୍ୟାଳୟରୁ ଏକ ଭର୍ଚୁଆଲ ସମ୍ମିଳନୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସର୍କଲ ସଭାପତି ଭାବେ ସବ-ଡିଭିଜନାଲ ଇଞ୍ଜିନିୟର ଏସ.କେ ବେହେରା ନିର୍ବାଚିତ ହୋଇଛନ୍ତି। ସେହିଭଳି ସେକ୍ରେଟାରୀ ଭାବେ ଏଓ-ପି.କେ ରାଉତ ମଧ୍ୟ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେକ୍ରେଟାରୀ (ଅର୍ଥ) ଭାବେ ସିଏଓ-ଏନ.ପି.ଦାସ, ଅର୍ଗାନାଇଜିଂ ସେକ୍ରେଟାରୀ ଭାବେ ଶେଖ ସାଜିଦ ମହମ୍ମଦ ଏବଂ ସେଣ୍ଟ୍ରାଲ ୱାର୍କିଂ କମିଟି ସଦସ୍ୟ ଭାବେ ଅମୀୟ କୁମାର ଖୁଁଲାର ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ୪ଦିନ ହେବ ବସ୍ତିରେ ରହିଛନ୍ତି ପଜିଟିଭ୍

■ ୨୧ ଚିହ୍ନଟଙ୍କ ମଧ୍ୟରୁ ୧୬ ଗଲେ କୋଭିଡ୍ କେୟାର ହୋମ୍
■ ଲକ୍ଷଣ ନ ଥିବା କହି ୫ଜଣଙ୍କୁ ନେଲାନି ବିଏମ୍‌ସି

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ବସ୍ତି ଓ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ବାହାର ଶ୍ରମିକଙ୍କ ପାଇଁ ଭୁବନେଶ୍ୱରରେ ଏବେ ସଂକ୍ରମଣ ବଢ଼ିଚାଲିଛି। ବର୍ତ୍ତମାନ ସହରରେ ୫ଶହରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏସବୁ ବସ୍ତିରେ ଆକ୍ଟିଭ୍ ସର୍ଭିଲାନ୍ସ ଜାରି ରହିଥିବାବେଳେ ନମୁନା ଟେଷ୍ଟ ପରିମାଣକୁ ବୃଦ୍ଧି କରାଯାଇଛି। ଚିହ୍ନଟ ପରେ ସମସ୍ତ ଆକ୍ରାନ୍ତଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିବାରେ ବିଏମ୍‌ସି ବିଫଳ ହେଉଥିବା ନଜରକୁ ଆସିଛି। ଭୁବନେଶ୍ୱର ବାୟାବାବା ମଠ ପଛରେ ଥିବା ଏକ ବସ୍ତିରେ ଦିନକରେ ୨୧ ପଜିଟିଭ୍ ଚିହ୍ନଟ ହୋଇଥିଲେ। ୧୬ଜଣଙ୍କୁ ମେଣ୍ଢାଶାଳସ୍ଥିତ କୋଭିଡ୍ କେୟାର ହୋମ୍ ନିଆଯାଇଥିବାବେଳେ ବାକି ୫ଜଣଙ୍କୁ ଲକ୍ଷଣ ନ ଥିବା କହି ଛାଡ଼ି ଦିଆଯାଇଛି। ଫଳରେ ସେମାନେ ୪ଦିନ ବସ୍ତିରେ ରହିଥିବାରୁ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଏମ୍‌ସିର ଏପରି ଆଭିମୁଖ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବସ୍ତିବାସିନ୍ଦାଙ୍କ ଅଭିଯୋଗ ମୁତାବକ, ୭୦ ନମୁନାରୁ ଯଦି ୨୧ ପଜିଟିଭ୍ ବାହାରିଲା, ତେବେ ଅଧିକ ଟେଷ୍ଟ ହେଲେ ଆହୁରି ଅଧିକ ଚିହ୍ନଟ ହେବେ। ତେବେ ଚିହ୍ନଟ ହୋଇଥିବା ୫ଜଣଙ୍କୁ କୋଭିଡ୍ ହସ୍ପିଟାଲ ନିଆଯାଇ ନ ଥିବାରୁ ଚିନ୍ତା ବଢ଼ିଛି। ସବୁଠୁ ବଡ଼ କଥା ହେଲା, ଏବେବି ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ହେଲେ ବିଏମ୍‌ସି ବେପରୁଆ କୋଭିଡ୍ ପରିଚାଳନା କରୁଥିବା ଓ ଗୁରୁତର ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଣଦେଖା କରୁଥିବା ଜଣେ ପଜିଟିଭ୍ କହିଛନ୍ତି।

ଏନେଇ ଉକ୍ତ ବସ୍ତି ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀ ସ୍ୱାଗତିକା ସିଂ କୁହନ୍ତି, ମଙ୍ଗଳବାର ୧୬ ଜଣଙ୍କୁ କୋଭିଡ୍ କେୟାର ହୋମ୍ ପଠାଇଛି। ହସ୍ପିଟାଲରେ ଆବଶ୍ୟକ ଶଯ୍ୟା ନ ଥିବାରୁ ବାକି ୫ଜଣଙ୍କୁ ସ୍ଥାନାନ୍ତର କରିପାରିନି। ଗୁରୁବାର ସକାଳେ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି। ହେଲେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ ଏନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

## ଖୋଲିବ ୟୁନିଟ୍-୪ ମାର୍କେଟ

### ହାଟ ସଂଘ ସହ ବିଏମ୍‌ସିର ବୈଠକ

ୟୁନିଟ୍-୪ ମାର୍କେଟ୍‌ରୁ କଣ୍ଟେନ୍‌ମେଣ୍ଟ କଟକଣା ହଟିବ। ମଙ୍ଗଳବାର ମାର୍କେଟର ଗ୍ରସେରି, ଗୋଦାମ ଓ ପରିବା ବ୍ୟବସାୟୀଙ୍କ ମଧ୍ୟରୁ ୬୫ ଜଣଙ୍କର ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିବା ପରେ ବୁଧବାର ଅପରାହ୍ନରେ ୱାର୍ଡ ଅଫିସରଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା। ବିଏମ୍‌ସି ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲିକ, ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥଙ୍କ ସହ ହାଟ ବ୍ୟବସାୟୀ ସଂଘର ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି। ବିଏମ୍‌ସି ପକ୍ଷରୁ କଣ୍ଟେନ୍‌ମେଣ୍ଟ କଟକଣା ହଟିବା ନେଇ ବିଧିବଦ୍ଧ ନିର୍ଦ୍ଦେଶନାମା ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି। ଦୋକାନ ବଜାର କେବେ ଖୋଲିବ ଓ ଏନେଇ କ'ଣ ସବୁ ସର୍ତ୍ତାବଳୀ ରହିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପରେ ମାର୍କେଟ ଖୋଲିବାକୁ ଅନୁମତି ମିଳିବ ବୋଲି ୟୁନିଟ୍-୪ ଭୌମନଗର ହାଟ ସଂଘ ସମ୍ପାଦକ ବଦ୍ରିନାରାୟଣ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ମାଛଗଦିରୁ ଲଗାତାର କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଗତ ୧୭ ତାରିଖରେ ପୂରା ୟୁନିଟ୍-୪ ମାର୍କେଟ ସିଲ୍ ସହ ଆଖପାଖ ଦୋକାନକୁ ବନ୍ଦ କରି ଦିଆଯାଇଥିଲା। ମାଛ ଗଦିକୁ ଛାଡ଼ି ଅନ୍ୟ ବ୍ୟବସାୟୀଙ୍କୁ ଦୋକାନ ଖୋଲିବାକୁ ସର୍ତ୍ତମୂଳକ ଅନୁମତି ଦିଆଯାଉ ବୋଲି ବ୍ୟବସାୟୀ ସଂଘ ବିଏମ୍‌ସି ନିକଟରେ ଦାବି କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବିଧାୟକ ଅନନ୍ତ ନାରାୟଣ ଜେନା ହସ୍ତକ୍ଷେପ କରିଥିଲେ।

## ପୁଣି ୧୩୭ ପଜିଟିଭ୍, ଆକ୍ରାନ୍ତ ୨୫୦୨

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ଶେଷ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ପୁଣି ୧୩୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୯୮ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୩୯ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସଙ୍ଗରୋଧରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୟୁନିଟ୍-୧ରେ ଥିବା ଏକ ବସ୍ତିରୁ ପୁରୁଷ ଓ ମହିଳାଙ୍କୁ ମିଶାଇ ମୋଟ ୧୧ଜଣ ଚିହ୍ନଟ ହୋଇଛନ୍ତି। ନିକଟରେ ଚିହ୍ନଟ ହୋଇଥିବା ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସହରରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୫୦୨ରେ ପହଞ୍ଚିଛି। ସେହିପରି ବୁଧବାର ଭୁବନେଶ୍ୱରରରୁ ୭୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ କରୋନାରୁ ୧୨୧୬ଜଣ ଆରୋଗ୍ୟ ଲାଭ କରି ହସ୍ପିଟାଲରୁ ଘରୁ ଫେରିଛନ୍ତି।

### ରବୀନ୍ଦ୍ର ମେଡିକାଲ ଷ୍ଟୋର ସିଲ୍

ବାପୁଜୀନଗରସ୍ଥିତ ରବୀନ୍ଦ୍ର ମେଡିକାଲ ଷ୍ଟୋର୍‌କୁ ବିଏମସି ସିଲ୍ କରିଛି। ଏଠାରୁ ଜଣେ କର୍ମଚାରୀ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହେବାପରେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବନ୍ଦ ରହିବ। ଉକ୍ତ ଷ୍ଟୋରରେ କାମ କରୁଥିବା ୧୩ଜଣ କର୍ମଚାରୀ ଓ ମାଲିକଙ୍କୁ ୧୪ଦିନିଆ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସମସ୍ତ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି କୁହାଯାଉଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚାଲିଥିବା ବିଏମସି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ସେ କହିଛନ୍ତି, ସେଠାରେ କାର୍ଯ୍ୟରତ କର୍ମଚାରୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଛନ୍ତି। ସେମାନେ କେଉଁଆଡେ ଯାଇଛନ୍ତି ଓ କେଉଁଠି ହୋମ୍ ଡେଲିଭରି କରିଛନ୍ତି, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି। ସମସ୍ତଙ୍କୁ ସଙ୍ଗରୋଧରେ ରଖାଯିବ ବୋଲି ସେ କହିଛନ୍ତି।



ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀ ସ୍ୱର୍ଗଦ୍ୱାର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି।

## ସ୍ୱର୍ଗଦ୍ୱାର ପୁନରୁଦ୍ଧାର କାମର ସମୀକ୍ଷା

**ପୁରୀ ଅଫିସ, ୨୯।୭**

ସ୍ୱର୍ଗଦ୍ୱାର ପାଇବ ନୂଆରୂପ। ମୃତଦେହ ଦାହ ପାଇଁ ଆସୁଥିବା ବନ୍ଧୁ ପରିଜନଙ୍କୁ ମିଳିବ ବିଶେଷ ସୁବିଧା। ସ୍ୱର୍ଗଦ୍ୱାର ପୁନରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯିବ। ବୁଧବାର ଜିଲାପାଳ ବଲୱନ୍ତ ସିଂ ସ୍ୱର୍ଗଦ୍ୱାର ବୁଲି ଦେଖିବା ସହ ଚାଲିଥିବା ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ଉପଲବ୍ଧ ହେବ। ଏଥିପାଇଁ ସ୍ୱତନ୍ତ୍ର ଅଫିସ ଖୋଲାଯାଇ ପେଶାଦାରମାନଙ୍କୁ ନିଯୁକ୍ତ ଦିଆଯିବ। ମୃତଦେହ ଦାହ ପାଇଁ ଆସୁଥିବା ବ୍ୟକ୍ତିମାନେ ଯେପରି ଉତ୍ତମ ବ୍ୟବହାର ଓ ଆତିଥେୟତା ପାଇ ଭଲ ଅନୁଭୂତି ନେଇ ଫେରିବେ ଏଥିପ୍ରତି ଦୃଷ୍ଟି ଦିଆଯିବ। ପେଶାଦାରମାନେ କାର୍ଯ୍ୟର ତଦାରଖ କରିବେ। ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି ହେବ ବୋଲି ଜିଲାପାଳ କହିଛନ୍ତି। ପରେ ଗାନ୍ଧୀଘାଟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶବଦାହକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସେମାନଙ୍କ ଜୀବିକା ଉପାର୍ଜନ ମାନରେ ଉନ୍ନତି ସହ ପରିବାର ସଦସ୍ୟଙ୍କୁ ବୀମାଭୁକ୍ତ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଓଡ଼ିଶା ସେତୁ ନିର୍ମାଣ ନିଗମ ପୁରୀ ଡିଭିଜନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ପାଣିଗ୍ରାହୀ, ପରାମର୍ଶଦାତା ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ସଦର,୨୯।୭(ଡି.ଏନ୍.ଏ.)**

୪୨ମୌଜା ଫାଣ୍ଡି ଅଧୀନ ଝିଙ୍କିରିଆ ଗ୍ରାମରେ ବୁଧବାର ଜଣେ ବୃଦ୍ଧ ଦମ୍ପତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେମାନେ ହେଲେ ଏହି ଗ୍ରାମର ସାଗର ଦେବତା(୬୩) ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ(୫୮)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ଏହାସହ କଟକ ସଦର ଥାନାରେ ନଂ.୨୩/୨୦ ଓ ନଂ.୨୪/୨୦ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଗରଙ୍କ ପରିବାର ମଙ୍ଗଳବାର ରାତିରେ ଖାଇସାରି ଶୋଇଥିଲେ। ସକାଳୁ ତାଙ୍କ ପୁଅ ଉଠିବାବେଳେ ଘର କବାଟ ଖୋଲାଥିଲା। ବାହାରକୁ ଯାଇ ଦେଖିବାବେଳେ ଘର ପାଖ ଆଜବେଷ୍ଟସ ଗୁହାଳ ହୁକରେ ଅଲଗା ହୋଇ ବେକରେ ରଶି ଲଗାଇ ମା'ବାପା ଝୁଲୁଥିବା ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏକ ସୁସାଇଡ୍ ନୋଟ ଜବତ କରିଛି। ସେଥିରେ ଲେଖାଥିଲା, ଭଗବାନଙ୍କ ଡାକରା ଆସିଲା ବୋଲି ଆମେ ଏହି ପଦକ୍ଷେପ ନେଇଛୁ।

## ପୁରୀ ଜିଲା: ପାସ୍ ହାର ୮୬.୮୨%

### ଜିଲା ଟପ୍ପର ଆୟୁଷ୍ମାନ

**ପୁରୀ ଅଫିସ, ୨୯।୭**

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥର ପୁରୀ ଜିଲାରେ ପାସ୍‌ହାର ରହିଛି ୮୬.୮୨ ପ୍ରତିଶତ। ବରଗଡ଼ ଏବଂ ଖୋର୍ଦ୍ଧା ପରେ ପୁରୀ ଜିଲା ରାଜ୍ୟର ତୃତୀୟ ସ୍ଥାନରେ ରହିଛି। ପୁରୀ କୁମ୍ଭାରପଡ଼ାର ସବିତା ଓ ହୃଷୀକେଶ ନନ୍ଦଙ୍କ ପୁଅ ଆୟୁଷ୍ମାନ ୫୭୭ (୯୬.୧୬ ପ୍ରତିଶତ) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର। ଏଥର ଜିଲାରେ ମୋଟ ୨୦,୬୭୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୭,୯୪୭ ଜଣ ପାସ୍ କରିଛନ୍ତି। ଯେଉଁଥିରେ ଛାତ୍ରୀଙ୍କ ସଂଖ୍ୟା ରହିଛି ୯,୩୫୦ ଓ ଛାତ୍ରଙ୍କ ସଂଖ୍ୟା ୮,୫୯୭। ଗତବର୍ଷ ଭଳି ଏଥର ମଧ୍ୟ ଛାତ୍ରଙ୍କୁ ପଛରେ ପକାଇଛନ୍ତି ଛାତ୍ରୀ। ଏ-୧ ଗ୍ରେଡ୍‌ରେ ୯୮, ଏ-୨ରେ -୬୨୨, ବି-୧ରେ ୧୨୧୨, ବି-୨ରେ ୧୮୭୯, ସିରେ ୨୭୪୫, ଡିରେ ୪୧୫୮, ଇରେ ୭୨୩୩ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଚଳିତଥର ମାଟ୍ରିକ ପରୀକ୍ଷା ଦେବା ପାଇଁ ୨୧,୧୩୫ ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ମାତ୍ର ଜିଲାର ୧୧୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୫୮ ସ୍କୁଲର ୨୦,୬୭୨ ପିଲା ପରୀକ୍ଷା ଦେଇଥିଲେ। ୪୬୩ ଜଣ ଅନୁପସ୍ଥିତ ଥିଲେ। କପି କରି ଧରାପଡ଼ିଥିବା ଜିଲାର ୨୪ ଛାତ୍ରୀଛାତ୍ର ମାଲ୍ ପ୍ରାକ୍ଟିସ ହୋଇଥିଲେ। ସେହିପରି ଏକ୍ସ-ରେଗୁଲାରରେ ୬୧୨ଜଣ ପରୀକ୍ଷା ଦେଇଥିବା ବେଳେ ୫୮୬ ଜଣ ପାସ୍ କରିଛନ୍ତି। ପୁରୀ ଜିଲାର ୬ଟି ଶିଶୁ ଯତ୍ନ ଅନୁଷ୍ଠାନର ୫୫ଜଣ ପିଲା ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍ କରିଛନ୍ତି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି।

## ଦିବ୍ୟାଙ୍ଗଙ୍କ ଅନ୍‌ଲାଇନ୍ ପଢ଼ା ପାଇଁ ଏସ୍‌ଓପି

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

କରୋନା ସମୟରେ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷାଗ୍ରହଣକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଅନ୍‌ଲାଇନ୍ କ୍ଲାସ୍‌ର ବ୍ୟବସ୍ଥା କରିଛନ୍ତି। ଏଥିଲାଗି ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଇଛି। ଏନେଇ ବିଭାଗର ଡେପୁଟି ସେକ୍ରେଟାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଏନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏସ୍‌ଓପି ଅନୁଯାୟୀ, ବିଭାଗ ଏହାର ସ୍ୱତନ୍ତ୍ର ୱେବ୍‌ସାଇଟ୍‌ରେ ସମସ୍ତ ଷ୍ଟଡି ମ୍ୟାଟେରିଆଲ ସହ ଅନ୍ୟାନ୍ୟ ସୂଚନା ଉପଲବ୍ଧ କରିବ। ସମସ୍ତ ସ୍ୱତନ୍ତ୍ର ସ୍କୁଲ୍ ବିଦ୍ୟାଳୟ ଅଧ୍ୟକ୍ଷ ଓ କର୍ତ୍ତୃପକ୍ଷଙ୍କୁ ନେଇ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ବିଭାଗ ଅନ୍‌ଲାଇନ୍ କ୍ଲାସ୍‌ର ଭିଡ଼ିଓକୁ ପ୍ରତିଦିନ ଶେୟାର କରିବ। ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରି ଏକ ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ଗ୍ରୁପ୍ କରିବେ ଓ ସେଥିରେ ସମ୍ପୃକ୍ତ ଭିଡ଼ିଓ ଲିଙ୍କ୍ ଶେୟାର କରିବେ। ସ୍କୁଲ୍ ଅଧ୍ୟକ୍ଷ ଓ ଶିକ୍ଷକ ଲଗାତାର ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଯୋଗାଯୋଗରେ ରହି କୌଣସି ପ୍ରକାର ଦ୍ୱନ୍ଦ୍ୱକୁ ଦୂର କରିବେ। ଶିକ୍ଷକମାନେ ପ୍ରତିଦିନ ସେମାନଙ୍କ ଦୈନିକ ରିପୋର୍ଟକୁ ମୁଖ୍ୟ ଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ।




ଅଭିନେତା ବିଜୟ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଜଣାଇ ବୁଧବାର ପୁରୀଠାରେ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସଙ୍କ ସ୍ୟାଣ୍ଡ ଆନିମେଶନ।

## ହସ୍ପିଟାଲ ବିଲ୍ଡିଂରୁ କର୍ମଚାରୀଙ୍କ ଆତ୍ମହତ୍ୟା ଧମକ

### ଘଣ୍ଟାଏକାଳ ନୟାନ୍ତ କରିବା ପରେ ଉଦ୍ଧାର

**ଭୁବନେଶ୍ୱର,୨୯।୭ (ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ବୁଧବାର ଦେଖିବାକୁ ମିଳିଥିଲା ଆତ୍ମହତ୍ୟା ନାଟକ। ମାତ୍ରାଧିକ ସମୟ କାର୍ଯ୍ୟ କରାଯାଉଥିବାରୁ ଜଣେ କର୍ମଚାରୀ ହସ୍ପିଟାଲ ମୁଖ୍ୟ କୋଠା ଉପରକୁ ଯାଇ ଆତ୍ମହତ୍ୟା ଧମକ ଦେବା ପରେ ଆତଙ୍କ ଖେଳିଯାଇଥିଲା। ଶେଷରେ ଘଣ୍ଟାଏ ଧରି ସମସ୍ତଙ୍କୁ ନୟାନ୍ତ କରିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ, ପୁରୁଣା ଭୁବନେଶ୍ୱରର ସତ୍ୟ ମହାରଣା କ୍ୟାପିଟାଲ ହସ୍ପିଟାଲ କରୋନା ୱାର୍ଡରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାମ କରୁଛନ୍ତି। ବୁଧବାର ଅପରାହ୍ନରେ ସେ କୋଭିଡ୍ ୱାର୍ଡରୁ ହସ୍ପିଟାଲର ମୁଖ୍ୟ ବିଲ୍ଡିଂ ଛାତ ଉପରକୁ ଚଢ଼ି ଜୋର୍‌ରେ ଚିତ୍କାର କରି ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସିବା ପରେ ସତ୍ୟ ଅଭିଯୋଗ କରିଥିଲେ ଯେ, ହସ୍ପିଟାଲରେ ତାଙ୍କୁ ଆବଶ୍ୟକତାରୁ ଅଧିକ ସମୟ କାମ କରିବାକୁ ବାଧ୍ୟ କରାଯାଉଛି। ଏହା ଶୁଣିବା ପରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବୁଝାଇବା ସହ ଓହ୍ଲାଇ ଆସିବାକୁ କହିଥିଲେ। ହେଲେ ସେ କାହା କଥା ଶୁଣି ନ ଥିଲେ। ପରେ ଫାୟାର ଓ ପିସିଆର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଅନ୍ୟ ମନସ୍କ କରାଇ କୌଶଳକ୍ରମେ କାବୁ କରିବା ପରେ ତଳକୁ ଆଣିଥିଲେ।

## ପ୍ରଦର୍ଶନୀ ପଡ଼ିଆରେ ହେବ ସ୍ୱାଧୀନତା ଦିବସ

■ ହେବନାହିଁ ଚିତ୍ତାକର୍ଷକ ପରେଡ୍
■ ସାମିଲ ହେବେ ସୀମିତ ଲୋକ
■ ଟିଭିରେ ପ୍ରସାରଣ ହେବ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ହେବ। କରୋନା କଟକଣା ଲାଗି ଚଳିତବର୍ଷ ଚିତ୍ତାକର୍ଷକ ପରେଡ୍ ହେବନାହିଁ। ପୋଲିସ ବ୍ୟାଣ୍ଡ ପାର୍ଟି ଜାତୀୟ ସଙ୍ଗୀତ ପରିବେଷଣ କରିବେ। ବ୍ୟାଣ୍ଡପାର୍ଟି ସହ ୩ ପୋଲିସ ବାହିନୀର ଟ୍ରୁପ୍ ଜାତୀୟ ପତାକା ଏବଂ ମୁଖ୍ୟଅତିଥିଙ୍କୁ ଅଭିବାଦନ ଜଣାଇବେ। କୋଭିଡ୍ ଯୋଦ୍ଧାମାନଙ୍କ ସହ ସୀମିତ ସଂଖ୍ୟକ ଲୋକଙ୍କୁ ନେଇ ଏହି ଜାତୀୟ ଦିବସ ପାଳନ ହେବ ବୋଲି ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ଦିବସ ପାଳନ କମିଟି ବୈଠକରେ ନିଷ୍ପତ୍ତି ହୋଇଛି।

ସ୍ୱାଧୀନତା ଦିବସ ପାଳନର ସିଧାସଳଖ ଚିତ୍ର କମନଫିଡ୍ ମାଧ୍ୟମରେ ସମସ୍ତ ଗଣମାଧ୍ୟମଙ୍କୁ ସଂଯୋଜିତ କରାଯିବ। ଜନସାଧାରଣ ନିଜ ନିଜ ଘରେ ଟି.ଭି.ରେ ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ। କୋଭିଡ୍-୧୯ କଟକଣା ଅନୁପାଳନ ସହ ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ। ଏହି ବୈଠକରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ସୂଚନା ଓ ଲୋକ ସମ୍ପର୍କ ସଚିବ ସଞ୍ଜୟ କୁମାର ସିଂ ସ୍ୱାଧୀନତା ଦିବସ ପାଳନର ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସମଗ୍ର ବିଶ୍ୱ ସହ ଭାରତ ଏବଂ ଓଡ଼ିଶା କୋଭିଡ୍-୧୯ ଭଳି ମହାମାରୀ ବିରୋଧରେ ଲଢ଼େଇ କରୁଛି। ଜନସ୍ୱାସ୍ଥ୍ୟ ଉପରେ କରୋନାର ପ୍ରଭାବକୁ ସର୍ବନିମ୍ନ କରିବା ନିମନ୍ତେ ସ୍ୱତନ୍ତ୍ର ନିୟମ ଓ କଟକଣା ଜାରି କରାଯାଇଛି। ସ୍ୱାଧୀନତା ଦିବସ ଏକ ଗୌରବମୟ ଜାତୀୟ ଦିବସ ହୋଇଥିବାରୁ ଏହାକୁ କଟକଣା ମଧ୍ୟରେ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଯଥା ସମ୍ଭବ ସାମାଜିକ ଦୂରତ୍ୱ ରକ୍ଷା ଓ ସ୍ୱଚ୍ଛତାର ନିୟମ ଅନୁପାଳନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହ ସମନ୍ୱିତ ଭାବେ ମଞ୍ଚ ନିର୍ମାଣ, ବାରିକେଡିଂ, ପାନୀୟ ଜଳ ଯୋଗାଣ, ପରିମଳ, ଆଇନ ଶୃଙ୍ଖଳା, ଆଶୁ ଚିକିତ୍ସା, ଅତିଥି ବସିବା ସ୍ଥାନ ଓ ଆନୁସଙ୍ଗିକ ବ୍ୟବସ୍ଥା ଆଦି ନିଶ୍ଚିତ କରାଇବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଅଭୟ, ପୂର୍ତ୍ତ ସଚିବ କ୍ରିଷନ କୁମାର, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଗୃହବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

**ଅଭିନେତା ପିଣ୍ଟୁ ନନ୍ଦଙ୍କ ନାମରେ ମାମଲା**

ଭୁବନେଶ୍ୱର(ବ୍ୟୁରୋ): ଜଣେ ଯୁବତୀଙ୍କୁ ଅଭିନୟ କରିବାକୁ ଡାକି ହତ୍ୟା ଧମକ ଦେଇଥିବା ନେଇ ଅଭିନେତା ପିଣ୍ଟୁ ନନ୍ଦଙ୍କ ନାଁରେ ବୁଧବାର ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୭୬/୨୦ରେ ମାମଲା ରୁଜୁ କରିଛି। ମଙ୍ଗଳବାର ରାତିରେ ଏକ ହୋଟେଲରେ ଅଭିନେତା ପିଣ୍ଟୁ ଏକ ଶର୍ଟ ଫିଲ୍ମ ଶୁଟିଂ କରିବା ପାଇଁ ଜଣେ ଯୁବତୀଙ୍କୁ ଡକାଇଥିଲେ। ଯୁବତୀ ଜଣକ ପହଞ୍ଚିବା ପରେ ରାତି ପର୍ଯ୍ୟନ୍ତ ଶୁଟିଂ ଚାଲିଥିଲା। ବିରତି ସମୟରେ ଯୁବତୀଙ୍କୁ ପିଣ୍ଟୁଙ୍କ କେତେଜଣ ସହଯୋଗୀ ଅଶାଳୀନ ବ୍ୟବହାର କରିଥିଲେ। ଏ ନେଇ ଯୁବତୀ ଜଣକ ପିଣ୍ଟୁଙ୍କୁ ଜଣାଇବାରୁ ସେ ଓଲଟା ଯୁବତୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ନାବାଳକ ମୃତ

ନିରାକାରପୁର,୨୯।୭(ଡି.ଏନ.ଏ.)- ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଗୟାବନ୍ଧ ଛକରେ ବୁଧବାର ଏକ କଣ୍ଟେନର ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋଡିପଡ଼ା ପଞ୍ଚାୟତ ଲହଙ୍ଗା-ପାଇକପୁଟ ଗ୍ରାମର ଭାଲୁ ପ୍ରଧାନ (୧୫)। ଏ ନେଇ ପୋଲିସ ନଂ.୧୫୪/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ କଣ୍ଟେନର ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଭାଲୁ ନିକଟସ୍ଥ ମଳିପଡ଼ା ବଜାରରୁ ପରିବା କିଣି ସାଇକେଲରେ ଘରକୁ ଫେରୁଥିଲା। ଗୟାବନ୍ଧ ଛକରେ ଭୁବନେଶ୍ୱରରୁ ବ୍ରହ୍ମପୁର ଯାଉଥିବା ଓଡି ୩୩ ଆର୍ ୪୭୪୯ ନଂ. ବିଶିଷ୍ଟ କଣ୍ଟେନରଟି ତାଙ୍କ ସାଇକେଲ ପଛପଟୁ ଧକ୍କା ଦେବା ସହ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଭାଲୁଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଓଭରବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବତୀ ଉଦ୍ଧାର

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଭୁବନେଶ୍ୱର ବରମୁଣ୍ଡା ନିକଟସ୍ଥ ଫାୟାର ଷ୍ଟେଶନ ଛକ ଓଭରବ୍ରିଜ୍‌ରେ ବୁଧବାର ଅପରାହ୍ନରେ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଉଦ୍ଧାର ହୋଇଛନ୍ତି। ଖଣ୍ଡଗିରି ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉକ୍ତ ଯୁବତୀଙ୍କୁ ଉଦ୍ଧାର କରାଯାଇ ଥାନାକୁ ନିଆଯାଇଥିଲା। ପଚରାଉଚୁରା ପରେ ଯୁବତୀ ଜଣକ କଟକ ଜିଲା କିଶନନଗର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ପୋଲିସ କହିଛି।

### ନାଟ୍ୟକାର କାଶୀନାଥ ସାହୁଙ୍କ ପରଲୋକ

ପିପିଲି,୨୯।୭(ଡି.ଏନ.ଏ./ସ୍ୱ.ପ୍ର.): ବିଶିଷ୍ଟ ନାଟ୍ୟକାର କାଶୀନାଥ ସାହୁଙ୍କ ମଙ୍ଗଳବାର ପିପିଲିସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି।



ମୃତ୍ୟୁ ବେଳକୁ ତାଙ୍କୁ ୧୦୮ ବର୍ଷ ବୟସ ହୋଇଥିଲା। ବୟସାଧିକ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ କାଶୀନାଥ ହେଉଛନ୍ତି ପୁରୀସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଏକ ଭିନ୍ନ କଳାକାର। ଯେ କି ଓଡ଼ିଶାରେ ପ୍ରଥମ କରି ପୁରୁଷ ହୋଇ ନାରୀ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ମୋହି ନେଉଥିଲେ। ତାଙ୍କର ନିଖୁଣ ଅଭିନୟ ଯୋଗୁ ଅନେକ ସମ୍ମାନ ପାଇଥିଲେ। ଶିଶୁ ଥିବାବେଳେ ହିଁ ଅଭିନୟ ପ୍ରତି ତାଙ୍କର ଦୁର୍ବଳତା ଥିଲା। ତାଙ୍କ ପିଲା ଦିନ ନାଟକ 'ଧରମା' ରେ ଉଚ୍ଚ ପ୍ରଶଂସିତ ହୋଇ ଥିଲେ। ଜନ୍ମିତ ମାଟି ନିକଟସ୍ଥ ହରିପୁର ହୋଇଥିବା ବେଳେ ପିପିଲିରେ ରହି ସେ ଏକ ସିନେମା ହଲ କରିଥିଲେ। ମୃତ୍ୟୁବେଳକୁ ପାଖରେ ସମସ୍ତ ପୁଅ ବୋହୂ ନାତି ନାତୁଣୀ ଉପସ୍ଥିତ ଥିବାବେଳେ ପିପିଲି ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଛନ୍ତି।

# ତଦନ୍ତ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

**ଆଦିତ୍ୟ ଦାଶ ମୃତ୍ୟୁ ମାମଲା**

- ୪ ସପ୍ତାହରେ ରିପୋର୍ଟ ଦେବେ ପୋଲିସ କମିଶନର
- ଦୁଇ ଲୋକୋ ପାଇଲଟ୍‌ଙ୍କୁ ଜେରା

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ମୃତ୍ୟୁ ଘଟଣାକୁ ୨୩ଦିନ ବିତିଯାଇଛି। ତଦନ୍ତ ଭାର ନେଇଥିବା ଭୁବନେଶ୍ୱର ଜିଆର୍‌ପି ଥାନା ପୋଲିସ ଏଯାଏ ଘଟଣାର ରହସ୍ୟ ଉନ୍ମୋଚନ କରିପାରିନି। ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିଥିବାବେଳେ ବୁଧବାର ଆଉ ୨ଜଣ ଲୋକୋ ପାଇଲଟଙ୍କୁ ପଚରାଉଚରା କରିଛି। ଅନ୍ୟପକ୍ଷରେ ପୋଲିସ ମୁହଁର ପ୍ରକୃତ ଘଟଣା ଜାଣିବାକୁ ରାଜ୍ୟବାସୀ ଚାହିଁ ରହିଥିବାବେଳେ ଧୀରେ ଧୀରେ ନିରାଶ ହେବାରେ ଲାଗିଛନ୍ତି। ଶେଷରେ ଜାତୀୟ ମାନବିକ ଅଧିକା କମିଶନ (ଏନ୍‌ଏଚ୍‌ଆର୍‌ସି) ଘଟଣାରେ ହସ୍ତକ୍ଷେପ କରିଛନ୍ତି। ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦେବାକୁ କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଆଦିତ୍ୟ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ଓକିଲ ତଥା ସାମାଜିକ କର୍ମୀ ରାଧାକାନ୍ତ ତ୍ରିପାଠୀ ଗତ ୨୪ ତାରିଖରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଗତ ୬ ତାରିଖ ରାତିରେ ଘରୁ ବାହାରିଥିବା ଆଦିତ୍ୟଙ୍କ ମୃତଦେହ ପରଦିନ ସକାଳୁ ଲିଙ୍ଗରାଜ ଷ୍ଟେଶନ ନିକଟ ରେଳଧାରଣାରୁ ମିଳିଥିଲା। ଏହି ଘଟଣାରେ ଜିଆର୍‌ପି ପ୍ରଥମେ ଅପମୃତ୍ୟୁ ଓ ପରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତଦନ୍ତକାରୀ ଟିମ୍ ପ୍ରତି ତଦନ୍ତର ରିପୋର୍ଟ ଜିଆର୍‌ପି ଏସ୍‌ପିଙ୍କୁ ପ୍ରଦାନ କରୁଛନ୍ତି। ହେଲେ ଇତିମଧ୍ୟରେ ଏହି ତଦନ୍ତକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପ୍ରକୃତ ରହସ୍ୟ ଉନ୍ମୋଚନ କରି ନ ପାରି ଜିଆର୍‌ପି ଥାନା ପୋଲିସ ଶେଷରେ ଘଟଣାକୁ ଆତ୍ମହତ୍ୟା ରୂପ ଦେଇ ବିଫଳତାକୁ ଲୁଚାଇବାକୁ ଚେଷ୍ଟା ଆରମ୍ଭ କରିଥିବା ମଧ୍ୟ ଆଲୋଚନା ଚାଲିଛି। ଏପରି କି ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କମିଶନରେଟ ପୋଲିସ ତଦନ୍ତ କରୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏବେ କମିଶନରେଟ ପୋଲିସକୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ ପରେ ଅଡୁଆ ବଢ଼ିଛି।

ସୂଚନାଯୋଗ୍ୟ, ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ ଓ ସହଯୋଗୀମାନେ ଅଭିଯୋଗ କରି ଆସୁଛନ୍ତି। ଇତିମଧ୍ୟରେ ଜବତ ହୋଇଥିବା ଡାଏରିରେ ଥିବା ସୁଇସାଇଡ୍ ନୋଟ୍‌କୁ ଆଦିତ୍ୟ ନିଜେ ଲେଖିଥିବା ଫୋରେନ୍‌ସିକ୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଉକ୍ତ ରିପୋର୍ଟକୁ ତର୍ଜମା କଲେ ଆଦିତ୍ୟ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ର ହାତୀ ସୂଚନା ଦେଇଛନ୍ତି। ତେବେ ଆଉ ୨ଜଣ ଲୋକୋ ପାଇଲଟଙ୍କୁ ପଚରାଉଚରା କରାଯାଇଥିବାବେଳେ ଅଦିତ୍ୟଙ୍କର ଆଉ କେତେଜଣ ସମ୍ପର୍କୀୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ରାମଚନ୍ଦ୍ର ସୂଚନା ଦେଇଛନ୍ତି।

### ୭୨ ଘଣ୍ଟା ନୂଆ ସାହି କଣ୍ଟେନ୍‌ମେଣ୍ଟ ଜୋନ୍

ବେଗୁନିଆ,୨୯।୭(ଡି.ଏନ.ଏ.): ବେଗୁନିଆ ବ୍ଲକ ସଦର ମହକୁମା ଅନ୍ତର୍ଗତ ନୂଆସାହି ଅଞ୍ଚଳରେ ରହୁଥିବା ଜଣେ ଜେଲ ୱାର୍ଡର ମଙ୍ଗଳବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାସହ ଏହି ବ୍ଲକର ପରିଛଳ ଟିଏମ୍‌ସିରୁ ୨ଜଣ ପଜିଟିଭ ବାହାରିଥିଲେ। ହେଲେ ଜେଲ ୱାର୍ଡରଙ୍କ ଚିହ୍ନଟ ପରେ ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି। ସେ ଦୈନିକ ଖୋର୍ଦ୍ଧାରୁ ବାସସ୍ଥାନ ବେଗୁନିଆକୁ ଯିବଆସିବା କରୁଥିଲେ। ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ କୁମୁଦିନୀ ସ୍ୱାଇଁ ନୂଆ ସାହିର ବିଭିନ୍ନ ଅଞ୍ଚଳକୁ ୭୨ ଘଣ୍ଟା କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହା ବୁଧବାର ସକାଳ ୭ଟାରୁ ଶନିବାର ସକାଳ ୭ଟା ପର୍ଯ୍ୟନ୍ତ ନିୟମ ବଳବତ୍ତର ରହିବ।

### ୨ଦିନ ଗ୍ରାହକଙ୍କୁ ଆକ୍ସିସ ବ୍ୟାଙ୍କ ପ୍ରବେଶ ମନା

ନିମାପଡ଼ା,୨୯।୭(ଡି.ଏନ.ଏ.): ନିମାପଡ଼ାରୁ ବୁଧବାର କରୋନା ସଂକ୍ରମଣରେ ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଆକ୍ସିସ ବ୍ୟାଙ୍କର ଜଣେ କର୍ମଚାରୀ ରହିଛନ୍ତି। ଚିହ୍ନଟ ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟାଙ୍କ କର୍ମଚାରୀ ସମେତ ତାଙ୍କ ପରିବାର ସଦସ୍ୟ ୩୦ଜଣଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମଣକୁ ରୋକିବା ପାଇଁ ୨ଦିନ ବ୍ୟାଙ୍କୁ ଗ୍ରାହକଙ୍କ ପ୍ରବେଶ ନିଷେଧ କରାଯାଇଛି।




ନନ୍ଦନକାନନରେ ବୁଧବାର ବ୍ୟାଘ୍ର ଦିବସ ପାଳନ ଅବସରରେ ବାଘୁଣୀ କାନନର ପ୍ରତିକୃତିକୁ ସଜ୍ଜିତ କରାଯାଇଛି।

# ନନ୍ଦନକାନନ ପାଳିଲା ବ୍ୟାଘ୍ର ଦିବସ

ବାରଙ୍ଗ,୨୯।୭(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବୁଧବାର ଅନ୍‌ଲାଇନ ମାଧ୍ୟମରେ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରିଛି। କରୋନା ଲାଗି ନନ୍ଦନକାନନ ବନ୍ଦ ଥିବାବେଳେ ବ୍ୟାଘ୍ର ସଂରକ୍ଷଣର ବାର୍ତ୍ତା ଅନଲାଇନରେ ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏହାସହ ବ୍ୟାଘ୍ର ସଂରକ୍ଷଣକୁ ନେଇ ଅନ୍‌ଲାଇନରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ନନ୍ଦନକାନନର ୱେବସାଇଟରେ ଉପଲବ୍ଧ ୨୦ଟି ପ୍ରଶ୍ନର ୭୫ଭାଗ ଠିକ୍ ଦେଇଥିବା ଉତ୍ତରଦାତାଙ୍କୁ ଇ-ମେରିଟ୍ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଗୋଟିଏ ବନ୍ୟ ବାଘୁଣି ଚନ୍ଦକା ଜଙ୍ଗଲରୁ ସାଥିଟିଏ ପାଇଁ ବାଘ ପ୍ରକୋଷ୍ଠକୁ ଲମ୍ଫ ପ୍ରଦାନ କରି ୪-୦୧-୧୯୬୭ଠାରୁ ୨୧-୦୭-୧୯୭୮ ମରିବା ପର୍ଯ୍ୟନ୍ତ ନନ୍ଦନକାନନରେ କଟାଇବାକୁ ପଡ଼ିଥିଲା। ଏହାର ନାମ କାନନ ରଖାଯାଇଥିଲା। ସେହିପରି ୨୦୧୩ ଏପ୍ରିଲ ୨୯ତାରିଖରେ ନନ୍ଦନକାନନକୁ ଏକ ଜଙ୍ଗଲୀ ବାଘ ପ୍ରବେଶ କରିବା ଦ୍ୱାରା ତା'ର ନାମ ନନ୍ଦନ ରଖାଯାଇଥିଲା। ଏକ ନୂତନ ରକ୍ତର ବଂଶ ସୃଷ୍ଟି ଉଦ୍ଦେଶ୍ୟ ନେଇ ନନ୍ଦନ ସହ ନନ୍ଦନକାନନରେ ଜନ୍ମିତ ବାଘୁଣୀ ମେଘାର ମିଳନ ହୋଇଥିଲା। ୨୦୧୬ ଏପ୍ରିଲ ୨୦ରେ ଏମାନଙ୍କ ମିଳନରୁ ଦୁଇଟି ସାଧାରଣ ବାଘ ଜନ୍ମ ହୋଇଥିଲା। ଯାହା ନନ୍ଦନକାନନ ପାଇଁ ଗର୍ବ ଓ ଗୌରବ ସାଜିଥିବା ଘଟଣାକୁ ପିସିସିଏଫ ସନ୍ଦିପ ତ୍ରିପାଠୀ ଟୁଇଟ୍ ଯୋଗେ ଜଣାଇଛନ୍ତି।

# ଜେଲରଙ୍କ ବଦଳି ଦାବିରେ କଏଦୀଙ୍କ ଧାରଣା

**୧୯ କଏଦୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର**

ଖୋର୍ଦ୍ଧାଅଫିସ,୨୯।୭

ଖୋର୍ଦ୍ଧା ସବଜେଲ ମଧ୍ୟରେ ନିମ୍ନମାନର ଖାଦ୍ୟ ଓ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ଆଣି ଜେଲରଙ୍କ ବଦଳି ଦାବିରେ ବୁଧବାର ସବଜେଲ ପରିସରରେ କେତେଜଣ ଅନ୍ତେବାସୀ ଧାରଣା ଦେଇଥିଲେ। ଖବରପାଇ ଉପଜିଲାପାଳ ଅଶୋକ ବେହୁରିଆ ଯାଇ ବୁଝାଇବା ପରେ ମଧ୍ୟ କୌଣସି ପ୍ରଭାବ ନ ପଡ଼ିବାରୁ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ଜେଲ ଡିଆଇଜିଙ୍କ ସହ କଥା ହେବା ପରେ ଧାରଣା ପାଇଁ ପ୍ରବର୍ତ୍ତାଉଥିବା ୧୯ଜଣ ଅନ୍ତେବାସୀଙ୍କୁ ଭୁବନେଶ୍ୱର ଜେଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧାରେ ନୂତନ ଭାବେ ଜେଲର କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। କିଛିଦିନ ମଧ୍ୟରେ ଜେଲରେ ଚାଲିଥିବା ବେଆଇନ କାର୍ଯ୍ୟ ଚାଲିଥିବା ଜାଣିବା ପରେ ବିଭିନ୍ନ ପଦକ୍ଷେପ ନେଇଥିଲେ। ଜେଲ୍ ଭିତରେ ବ୍ରାଉନସୁଗାର କାରବାର, ମୋବାଇଲ ବ୍ୟବହାର, ଏପରି କି କେତେଜଣ କର୍ମଚାରୀଙ୍କ ଜ୍ଞାତ ସାରରେ ଜେଲ ଭିତରକୁ ବିଭିନ୍ନ ମାଦକଦ୍ରବ୍ୟ ଆସୁଥିବାରୁ ସେ ବିରୋଧ କରି ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ତାଙ୍କ ସୁପାରିସ କ୍ରମେ କେତେଜଣ ଜେଲ ୱାର୍ଡର ଅନ୍ୟତ୍ର ବଦଳି ହେବା ସହ ଅନିୟମିତତା କାର୍ଯ୍ୟରେ ସମ୍ପୃକ୍ତ ୱାର୍ଡରଙ୍କୁ ଚାକିରିରୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ତଥାପି ଜେଲରେ ବେଆଇନ କାରବାର ଚାଲିଥିବା ଜାଣି ଏହାକୁ ଜେଲର ବିରୋଧ କରିଥିଲେ। ଏଥିରେ କେତେଜଣ ଅନ୍ତେବାସୀ ଉଦ୍ଦେଶ୍ୟମୂଳକ ଭାବେ ଜେଲର ସେମାନଙ୍କୁ ଦୁର୍ବ୍ୟବହାର କରିବା, ମାନସିକ ନିର୍ଯାତନା, ନିମ୍ନମାନର ଖାଦ୍ୟ ଦେବା ପ୍ରଭୃତି ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ ଧାରଣା ଦେଇଥିଲେ। ଖବରପାଇ ଘଟଣାସ୍ଥଳକୁ ଉପଜିଲାପାଳ ଯାଇ ଧାରଣାରତ ଅନ୍ତେବାସୀଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କୁ ଜଣାଇବାରେ ସେ ଜେଲ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଡିଆଇଜି ତତ୍‌କ୍ଷଣାତ୍ ସବଜେଲ ମଧ୍ୟରେ ଧାରଣା କରିବାକୁ ପ୍ରବର୍ତ୍ତାଉଥିବା ୧୯ଜଣ ଅନ୍ତେବାସୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଜେଲର କୃଷ୍ଣଚନ୍ଦ୍ର ସାହୁ କୁହନ୍ତି, କେତେଜଣ ଅନ୍ତେବାସୀଙ୍କୁ ବିଭିନ୍ନ ବେନିୟମ କାର୍ଯ୍ୟ କରିବାକୁ ବାରଣ କରିବାରୁ ସେମାନେ ଏଭଳି ପ୍ରତିବାଦ କରି ବିଭିନ୍ନ ପ୍ରକାର ଆରୋପ ଆଣିଥିବା ସେ ପ୍ରକାଶ କରିଛନ୍ତି।

କେନ୍ଦ୍ର କ୍ୟାବିନେଟ ବୁଧବାର ନୂତନ ଶିକ୍ଷା ନୀତି(ଏନ୍‌ଇପି-୨୦୨୦) ଚିଠା ପ୍ରସ୍ତୁତ କରିଛନ୍ତି। ଏପରି କି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ନୂଆ ନାମ ଦିଆଯାଇ ଶିକ୍ଷା ମନ୍ତ୍ରଣାଳୟ ନାମରେ ନାମିତ କରାଯାଇଛି। ଏହି ଶିକ୍ଷାନୀତି ନୂଆ ପାଠ୍ୟକ୍ରମ ସହ ନୂତନ ଶିକ୍ଷା ପଦ୍ଧତି ମଧ୍ୟ ଆପାଣାଇଛି। ୧୦+୨ ଢାଞ୍ଚା ପରିବର୍ତ୍ତେ ୫+୩+୩+୪କୁ ଆପଣା ଯାଇଛି। ହେଲେ କେନ୍ଦ୍ର କ୍ୟାବିନେଟର ଏହି ନିଷ୍ପତ୍ତିକୁ ଶିକ୍ଷାବିତ୍‌ମାନେ ବିଭିନ୍ନ ମତ ପ୍ରକାଶ କରିଛନ୍ତି।

### ତାଲିମଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ

ନୂତନ ଶିକ୍ଷାନୀତିରେ ଅନେକ ସମୟୋପଯୋଗୀ ସଂସ୍କାର ଅଣାଯାଇଛି। ପ୍ରାକ୍ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ଉଚ୍ଚ ବିଦ୍ୟାଳୟ ଶିକ୍ଷା ସାର୍ବଜନୀନକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଶିକ୍ଷା ଧାରା ଭିତରେ ପ୍ରଚଳିତ ବିଭେଦକୁ ଦୂର କରିବା ପାଇଁ ପଦକ୍ଷେପ ନିଆଯାଇଛି। ପୋଥିଗତ ବିଦ୍ୟାକୁ ଛାଡ଼ି ତାଲିମ ଭିତ୍ତିକ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଇଛି। ଛାତ୍ର ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ସ୍ୱାଧୀନତା ଦେବାପାଇଁ ଯୋଜନା କରାଯାଇଛି। ଉଚ୍ଚବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ କରିବାକୁ ହେଲେ ସମସ୍ତ ବିଦ୍ୟାଳୟକୁ ସରକାରୀ କରିବାକୁ ହେବ। ସମସ୍ତ ଛାତ୍ରୀଛାତ୍ର ସରକାରୀ ବିଦ୍ୟାଳୟରେ ଗୋଟିଏ ପ୍ରକାର ପାଠ୍ୟକ୍ରମ ପଢ଼ିବା ଆବଶ୍ୟକ। ଶିକ୍ଷାକ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବ୍ୟାପକ ମାତ୍ରାରେ ପୁଞ୍ଜିନିବେଶ କରିବାକୁ ହେବ। ଉଚ୍ଚଶିକ୍ଷାର ବ୍ୟବସାୟୀକରଣକୁ ପ୍ରାଧାନ୍ୟ ଦେବା ଉଚିତ୍ ହେବନାହିଁ। ଶିକ୍ଷା କ୍ଷେତ୍ରରେ ଯେପରି ରାଜନୈତିକ ହସ୍ତକ୍ଷେପ ନ ରୁହେ ତା' ପ୍ରତି ସାବଧାନ ରହିବାକୁ ହେବ।

- ଅମରେନ୍ଦ୍ର ଦାସ, ପ୍ରଫେସର, ନାଇଜର୍

### ସ୍କୁଲ୍ ଶିକ୍ଷାର ଘରୋଇକରଣ ହୋଇପାରେ

ପୂର୍ବରୁ ୧୦+୨ ଥିବାବେଳେ ଏବେ ତାହାକୁ ଭାଙ୍ଗି ୫+୩+୩+୪ କରାଯାଇଛି। ଅର୍ଥାତ୍ ପ୍ରି ପ୍ରାଇମେରି ଷ୍ଟେଜ୍‌ରେ ଅଙ୍ଗନୱାଡ଼ି ସହ ପ୍ରଥମ ଓ ୨ୟ ଶ୍ରେଣୀକୁ ମିଶାଇ ଦିଆଗଲା। ଏଠାରେ ପ୍ରଶ୍ନ ଉଠୁଛି ଏହି ପ୍ରଥମ ଓ ୨ୟ ଶ୍ରେଣୀ ପିଲାମାନଙ୍କୁ ପ୍ରାଇମେରି ସ୍କୁଲ୍‌ର ଶିକ୍ଷକମାନେ ପଢ଼ାଇବେ ନା ଅଙ୍ଗନୱାଡ଼ି କର୍ମୀମାନେ ପଢ଼ାଇବେ। ଏଥିପାଇଁ ସରକାର କେବେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ କରିବେ ନାହିଁ। ଦାୟିତ୍ୱ ଭାର ଜଣକ ମୁଣ୍ଡରୁ ନେଇ ଆଉଜଣଙ୍କ ମୁଣ୍ଡରେ ଲଦିବା ଦ୍ୱାରା ପିଲାଙ୍କ ଭବିଷ୍ୟତ ପ୍ରଭାବିତ ହେବ। ସେହିଭଳି ଚାକିରି ଦେଇପାରୁ ନ ଥିବାରୁ ଭୋକେଶନାଲ ଶିକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି। ତେବେ ବଡ଼ ସମସ୍ୟା ହେଉଛି ଆଗାମୀଦିନରେ ସ୍କୁଲ୍ ଶିକ୍ଷାର ଘରୋଇକରଣ ହେବା ସମ୍ଭାବନା ବହୁତ ଅଛି। ଏପରି କି ଶିକ୍ଷା ବ୍ୟବସ୍ଥାରେ ବିଶ୍ୱ ବ୍ୟାଙ୍କ ପଶିବାର ସମ୍ଭାବନା ଅଧିକ ଅଛି। ଏହାହେଲେ ପରିସ୍ଥିତି ଜଟିଳ ହୋଇ ପଡ଼ିବ।

- ବୀରେନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ

### ୬% ଜିଡିପି ଖର୍ଚ୍ଚ କରିବା ଅସମ୍ଭବ

ଜିଡିପିର ୬% ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେବାକୁ ଘୋଷଣା କରାଯାଇଛି। ଯାହା ପର୍ଯ୍ୟାପ୍ତ ନୁହେଁ। ଯଦି ୬ପ୍ରତିଶତ ଜିଡିପି ଖର୍ଚ୍ଚ ହୁଏ ତା' ହେଲେ ଏହା ସମ୍ପୂର୍ଣ୍ଣ ଲାଗୁ ହେବାକୁ ୩୦ବର୍ଷ ଲାଗିବ। କରୋନାରେ ଆର୍ଥିକ ସଙ୍କଟ ଦେଖାଦେଇଥିବାରୁ ଓଡ଼ିଶାରେ ଏହାର ଲାଗୁ ଅସମ୍ଭବ। ତେବେ ସରକାର ବିଭିନ୍ନ ଅଯଥା ଯୋଜନାକୁ କାଟି ସେ ବାବଦ ଅର୍ଥସହ ୩% ଋଣ କରି ଶିକ୍ଷା ବଜେଟକୁ ଦୁଇଗୁଣ କରିବା ଆବଶ୍ୟକ। ଏହାହେଲେ ରାଜ୍ୟ ବାସ୍ତବରେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିପାରିବ।

- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ

### ଏନ୍‌ଇପି ୨୦୨୦ ଏକ ନୂତନ ଦିଗ୍‌ଦର୍ଶନ ଦେବ

ଭାରତ ସ୍ୱାଧୀନ ହେବାପରେ ୧୯୬୮, ୧୯୮୬ ଓ କେତେକାଂଶରେ ୧୯୯୨ରେ ଶିକ୍ଷା ନୀତିରେ ପରିବର୍ତ୍ତନ କରାଯାଇଥିଲା। ୮ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ ଏନ୍‌ସିଇଆର୍‌ଟି ଦ୍ୱାରା ଏକ ଫ୍ରେମୱାର୍କ ଗଠନ କରାଯାଇ ସ୍ୱତନ୍ତ୍ର ଶିକ୍ଷା ପାଇ ବ୍ୟବସ୍ଥା କରାଯିବ। ୨୦୩୦ ସୁଦ୍ଧା ଶତ ପ୍ରତିଶତ ସ୍ୱାକ୍ଷର କରିବା ପାଇଁ ଯୋଜନା କରାଯାଇଛି। ଷଷ୍ଠ ଶ୍ରେଣୀରୁ ଭୋକେଶନାଲ ଶିକ୍ଷା ଆରମ୍ଭ, ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଷୟରେ ନିଜ ଇଚ୍ଛା ମୁତାବକ ବିଷୟ ବାଛି ପାଠପଢ଼ିବାର ବ୍ୟବସ୍ଥା ଓ ଶିକ୍ଷା କ୍ଷେତ୍ରରେ ବ୍ୟାପାର ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଥିବା ଭିତ୍ତିଭୂମି ଓ ଶିକ୍ଷକମାନଙ୍କର ଅଭାବ ନୂତନ ଶିକ୍ଷାନୀତିକୁ କେତେ ଦୂର ସଫଳ କରାଇବ ତାହା ସମୟ ହିଁ କହିବ।

- ଶରତ କୁମାର କର, ଶିକ୍ଷାବିତ୍

### ଗବେଷଣାକୁ ଅଧିକ ପ୍ରୋତ୍ସାହନ ମିଳିବ

୩ଦଶନ୍ଧି ପରେ ନୂତନ ଶିକ୍ଷାନୀତି ପ୍ରଣୟନ ହୋଇଛି, ଯାହା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ କରିବାରେ ଆଶା କରାଯାଉଛି। ଏହା ପ୍ରଣୟନ ହେବା ଦ୍ୱାରା ଗବେଷଣାକୁ ଅଧିକ ପ୍ରୋତ୍ସାହନ ମିଳିବ ଏବଂ ଶିକ୍ଷାକୁ ସଙ୍ଗଠିତ କରିବାରେ ଏହା ଫଳପ୍ରଦ ହେବ। ଏଥିରେ ବହୁ ନୂତନ ନିୟମ ପ୍ରଣୟନ କରାଯାଇଛି। ଫଳରେ ଶିକ୍ଷାକୁ ଜାତୀୟକରଣ କରିବାରେ ସହାୟକ ହେବ। ବହୁବର୍ଷ ଧରି ଆମେ ଏକ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଥିଲେ, ଯେଉଁଥି ପାଇଁ ଶିକ୍ଷା କ୍ଷେତ୍ରରେ ନୂତନ ଆଦର୍ଶ, ନୂତନ ପ୍ରୟୋଗ ଏବଂ ନୂତନ ଚିନ୍ତାଧାରାର ବିକାଶ ହୋଇପାରୁ ନ ଥିଲା। କିନ୍ତୁ ଏହି ନୂତନ ଶିକ୍ଷାନୀତି ଯୋଗୁଁ ଛାତ୍ରୀଛାତ୍ରମାନେ ନୂଆ ଢଙ୍ଗରେ ଗବେଷଣା ଏବଂ ଭାରାତୀୟ ଐତିହ୍ୟ ଓ ପରମ୍ପରା ପର୍ଯ୍ୟବେସିତ ଶିକ୍ଷାକୁ ଆପଣାଇବାରେ ଯଥେଷ୍ଟ ପ୍ରେରଣା ପାଇପାରିବେ।

- ଡ.ନେତାଜୀ ଅଭିନନ୍ଦନ, ଶିକ୍ଷାବିତ୍

# ମୋଦିଙ୍କ 'ମନ୍ କୀ ବାତ୍'ରେ ସିଫାର ମୁକ୍ତା ଚାଷୀ

ବାଳକାଟୀ(ଡି.ଏନ.ଏ.)/ ପିପିଲି(ସ୍ୱ.ପ୍ର.),୨୯।୭




କୌଶଲ୍ୟାଗଙ୍ଗ ସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା 'ସିଫା'ରେ ମୁକ୍ତା ଚାଷ ପ୍ରଶିକ୍ଷଣ କରି ସଫଳତା ହାସଲ କରିଥିବା ଜଣେ ମୁକ୍ତା ଚାଷୀଙ୍କୁ 'ମନ୍ କୀ ବାତ୍ ୨.୦ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉ କି, ବିହାରର ବେଗୁସରାଇ ଅଞ୍ଚଳର ଜନୈକ ସରକାରୀ କର୍ମଚାରୀ ତଥା ମୁକ୍ତା ଚାଷୀ ଜୟଶଙ୍କର କୁମାର ସିଫାରେ ମୁକ୍ତା ଚାଷର ପ୍ରଶିକ୍ଷଣ ନେଇଥିଲେ। ପରେ ନିୟମିତ ଭାବେ ସିଫା ସହ ସମ୍ପର୍କ ରଖି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସେ ଜଣେ ସଫଳ ମୁକ୍ତା ଚାଷୀ ହେବା ସହ ଅନ୍ୟ ଆଗ୍ରହୀ ଚାଷୀ ତଥା କୋଭିଡ୍-୧୯ର ଦୁର୍ଦ୍ଦଶା ସମୟରେ ଗାଁକୁ ଫେରୁଥିବା ପ୍ରବାସୀଙ୍କୁ ମୁକ୍ତାଚାଷର ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ ପାଇଁ ଉତ୍ସାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗତ ଜୁଲାଇ ୨୬ରେ ପ୍ରସାରିତ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଚତୁର୍ଦ୍ଦଶତମ ଅଧ୍ୟାୟରେ ସମ୍ବୋଧନ କରି ଆୟବୃଦ୍ଧି ପାଇଁ ବେଗୁସରାଇର ଜୟଶଙ୍କରଙ୍କ ମୁକ୍ତା ଚାଷ ଭଳି ନୂତନ ଚିନ୍ତାଧାରା ପୋଷଣ କରୁଥିବା କୃଷକମାନଙ୍କ କାର୍ଯ୍ୟଧାରା ପ୍ରଂଶସା କରିବା ସହ ଆତ୍ମନିର୍ଭର ଭାରତ ପାଇଁ ଏଭଳି ଉଦ୍ୟମର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ସଫଳ ଚାଷୀ ଜୟଶଙ୍କରଙ୍କ ଏଭଳି ଦୃଢ଼ କୌଶଳ ଯୋଗୁ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବାରୁ ଭାରତୀୟ କୃଷି ଗବେଷଣା ପରିଷଦର ଉପମହାନିର୍ଦ୍ଦେଶକ ଡ.ଜୟକୃଷ୍ଣ ଜେନା ଓ ସିଫାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ସରୋଜ କୁମାର ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଇଟିସି ଅପବ୍ୟବହାର ବନ୍ଦ ହେଉ: ହାଇକୋର୍ଟ

- ୧୨୨ କୋଟି ଟଙ୍କାର ଜିଏସ୍‌ଟି ଠକେଇ ମାମଲା
- ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୨୯।୭

ଜାଲ୍ ଇନ୍‌ଭଏସ୍‌କୁ ବ୍ୟବହାର କରି ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଜରିଆରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଦେଶରେ ବଢ଼ିବାରେ ଲାଗିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ୧୬୨୦ଟି ଜିଏସ୍‌ଟି ଠକେଇ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାଗୁଡ଼ିକରେ ମୋଟ ୧୧ ହଜାର ୨୫୧ କୋଟି ୨୩ ଲକ୍ଷ ଟଙ୍କାର ଠକେଇ ହୋଇଛି । ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷର ୨୦୧୯ ଜୁନ୍ ୨୫ ସୁଦ୍ଧା ୫୩୫ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୫୬୫ କୋଟି ୪୦ ଲକ୍ଷ ଟଙ୍କାର ଠକେଇ ହୋଇଛି। ଆଇଟିସି ଜରିଆରେ ଦେଶରେ ବୃଦ୍ଧି ପାଉଥିବା ଜିଏସ୍‌ଟି ଠକେଇ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଲାଣି। ଏହାକୁ ରୋକିବାର ଆବଶ୍ୟକତା ରହିଛି। ଏଣୁ ଆଇଟିସିର ଅପବ୍ୟବହାର ରୋକିବା ପାଇଁ ସୁଚିନ୍ତିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଉ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି। ୧୨୨ କୋଟି ୬୭ ଲକ୍ଷ ଟଙ୍କାର ଜିଏସ୍‌ଟି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଜିଏସ୍ ୟୁନିଟ୍ରେଡ୍‌ର ମୁଖ୍ୟ ଅମିତ ବେରୱାଲ୍‌ଙ୍କ ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତି ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ ଉପରୋକ୍ତ ମତ ରଖିଛନ୍ତି। ଏହାସହ ଅମିତଙ୍କ ଜାମିନ ଖାରଜ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜିଏସ୍‌ଟି ଠକେଇ ମାମଲାରେ ଅମିତଙ୍କୁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗତ ଜାନୁୟାରୀ ୨୨ରେ ଗିରଫ କରିଥିଲା। ଅମିତ ୧୨୨ କୋଟି ୬୭ ଲକ୍ଷ ଟଙ୍କାର ଜିଏସ୍‌ଟି ଫାଙ୍କିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍. ମହାନ୍ତି ଯୁକ୍ତି ରଖିଥିଲେ ଯେ, ଅମିତଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ସେଥିରେ ସେ ସଂପୃକ୍ତ ନୁହନ୍ତି। ଅମିତାଙ୍କୁ ବିନା ନୋଟିସ୍‌ରେ ଗିରଫ କରାଯାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ସୁନିଲ ମିଶ୍ର ଯୁକ୍ତି ରଖିଥିଲେ ଯେ, ଜିଏସ୍‌ଟି ଠକେଇ ନେଇ ପ୍ରମାଣ ମିଳିବା ପରେ ଅମିତଙ୍କୁ ଗିରଫ କରାଯାଇଛି। ଗିରଫ ବେଳେ ସମସ୍ତ ପ୍ରକାର ନିୟମକୁ ପାଳନ କରାଯାଇଛି। ତାଙ୍କୁ ଜାମିନ ମିଳିଲେ ସେ ତଦନ୍ତକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ କହିଥିଲେ, ପ୍ରାଥମିକ ତଦନ୍ତରୁ ବଡ଼ ଧରଣର ଠକେଇ ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ଘଟିଛି। ଆହୁରି ୨ ଜଣ ଏହି ଘଟଣାରେ ଫେରାର୍ ଥିବା ଯୋଗୁ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କଲେ ସେ ପ୍ରମାଣ ନଷ୍ଟ କରିପାରନ୍ତି। ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି। ଜାଲ୍ ଇନ୍‌ଭଏସ୍ ଜରିଆରେ ଜିଏସ୍‌ଟି ଠକେଇଠାରୁ ଆରମ୍ଭ କରି ଅନେକ ପ୍ରକାର ଅର୍ଥନୈତିକ ଅପରାଧ ଘଟୁଛି। ଏଭଳି ଅପରାଧ ଦ୍ୱାରା ଜିଏସ୍‌ଟିର ମୂଳ ଉଦ୍ଦେଶ୍ୟ ପ୍ରଭାବିତ ହେଉଛି। ଜିଏସ୍‌ଟି ଠକେଇ ରୋକିବା ପାଇଁ ଠୋସ୍ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

## ବଣ୍ଡାଘାଟିରେ ମାଓବାଦୀ ପୋଷ୍ଟର

ଖଇରପୁଟ,(ଡି.ଏନ୍.ଏ.): ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ବଣ୍ଡା ଘାଟି ରାସ୍ତା ତୁଳାଗୁରୁମ ଛକ ନିକଟରେ ବୁଧବାର ଏକ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ଶହୀଦ ସପ୍ତାହର ଦ୍ୱିତୀୟ ଦିନ ହୋଇଥିବାବେଳେ ଏଭଳି ପୋଷ୍ଟରକୁ ଦେଖି ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଷ୍ଟରରେ ଶହୀଦ କମ୍ରେଡ୍ ଆମର ରହେ, ଜଙ୍ଗଲ-ଜମି-ଜଳ ଆଦିବାସୀଙ୍କ ଅଧିକାର, ବ୍ରାହ୍ମଣ, ହିନ୍ଦୁ ଫାସିବାଦ ଦମନ ସରକାରଙ୍କ ବିରୋଧରେ ଲଢ଼େଇ, ନୂତନ ଗଣତନ୍ତ୍ର ବିପ୍ଲବ ଜିନ୍ଦାବାଦ ଆଦି ଲେଖାଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ନିକଟସ୍ଥ ଖଇରପୁଟ ଗ୍ରାମରେ ମାଓବାଦୀମାନେ ପୋଲିସ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ଗୁଳିକରି ହତ୍ୟା କରିଥିଲେ।

# ମୁକ୍ତ ହେଲେଣି ୧୬,୭୮୯ କଏଦୀ

କଟକ ଅଫିସ,୨୯।୭

ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକରେ ବର୍ତ୍ତମାନ କରୋନା ବ୍ୟାପିବାରେ ଲାଗିଛି। ପ୍ରାୟ ୮୫ଟି ଜେଲ୍ ମଧ୍ୟରୁ ୮ଟି ଜେଲ୍‌ରେ କରୋନା ପ୍ରବେଶ କରିସାରିଲାଣି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜେଲ୍‌ରୁ କଏଦୀମାନଙ୍କୁ ମୁକ୍ତ କରାଯାଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ମୋହର ବାଜିବା ପରେ ରାଜ୍ୟର ୧୬ ହଜାର ୭୮୯ ଜଣ କଏଦୀଙ୍କୁ ମୁକ୍ତି ଦିଆଯାଇଛି। ଏଥିରେ ୧୬ ହଜାର ୬୩୯ ଜଣ ବିଚାରାଧୀନ କଏଦୀ ଥିବାବେଳେ ୧୫୦ ଜଣ ଦଣ୍ଡ ପାଇଥିବା ଆସାମୀ ରହିଛନ୍ତି।

ଓଡ଼ିଶାର ଅଧିକାଂଶ ଜେଲ୍‌ରେ କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି। ଜେଲ୍‌ରେ ଭିଡ଼ ଯୋଗୁ ସଂକ୍ରମଣ ଆଶଙ୍କା ଥିବାରୁ ପ୍ରତ୍ୟେକ ରାଜ୍ୟରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇ କଏଦୀଙ୍କୁ ମୁକୁଳାଇବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷା ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠିତ ହୋଇଛି। ଏଥିରେ ସଦସ୍ୟ ଭାବେ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ, ଡିଜି (ଜେଲ୍) ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ରହିଛନ୍ତି। ଜେଲ୍ ନିର୍ଦ୍ଦେଶାଳୟ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୨୦୨ ଜଣ କଏଦୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିଭଳି ମାର୍ଚ୍ଚ ୨୦ରୁ ଜୁଲାଇ ୨୮ ସୁଦ୍ଧା ୧୬ ହଜାର ୬୩୯ ଜଣ ବିଚାରାଧୀନ କଏଦୀ ଓ ୧୫୦ ଜଣ ଦଣ୍ଡ ପାଇଥିବା କଏଦୀଙ୍କୁ ମୁକ୍ତ କରାଯାଇଛି। ବ୍ରହ୍ମପୁର ସର୍କଲ୍ ଜେଲ୍‌ରୁ ସର୍ବାଧିକ କଏଦୀଙ୍କୁ ବାହାର କରାଯାଇଛି। ଏହି ଜେଲ୍‌ରୁ ୫,୧୮୪ ଜଣ ବିଚାରାଧୀନ କଏଦୀ ଓ ୪୭ ଜଣ ଦଣ୍ଡପ୍ରାପ୍ତ କଏଦୀଙ୍କୁ ମିଶାଇ ମୋଟ ୫,୨୩୧ ଜଣଙ୍କୁ ମୁକ୍ତି ଦିଆଯାଇଛି। ସମ୍ବଲପୁର ସର୍କଲ୍ ଜେଲ୍‌ରୁ ୩,୭୧୬ ଜଣ କଏଦୀ ମୁକ୍ତି ପାଇଛନ୍ତି। ଏଥିରେ ୩,୬୯୭ ଜଣ ବିଚାରାଧୀନ ଓ ୧୯ ଜଣ ଦଣ୍ଡପ୍ରାପ୍ତ କଏଦୀ ରହିଛନ୍ତି। କଟକ ସର୍କଲ୍ ଜେଲ୍‌ରୁ ୩,୪୬୫ଜଣ କଏଦୀ ମୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରେ ୩,୪୩୪ ଜଣ ବିଚାରାଧୀନ ଓ ୩୧ ଜଣ ଦଣ୍ଡପ୍ରାପ୍ତ କଏଦୀ ଅଛନ୍ତି। ବାରିପଦା ସର୍କଲ୍ ଜେଲ୍‌ରୁ ୨,୭୧୮ ଜଣ ବିଚାରାଧୀନ ଓ ୧୫ ଜଣ ଦଣ୍ଡପ୍ରାପ୍ତ କଏଦୀଙ୍କୁ ମିଶାଇ ୨,୭୩୩ ଜଣଙ୍କୁ ମୁକ୍ତି ଦିଆଯାଇଛି। କୋରାପୁଟ ସର୍କଲ୍ ଜେଲ୍‌ରୁ ୧୬୪୪ ଜଣ ମୁକ୍ତି ପାଇଛନ୍ତି। ଏଥିରେ ୧୬୦୬ ଜଣ ବିଚାରାଧୀନ ଓ ୩୮ ଜଣ ଦଣ୍ଡପ୍ରାପ୍ତ କଏଦୀ ରହିଛନ୍ତି।

**ଜେଲ୍‌ରେ କରୋନା ଭୟ**
- ୮ ଜେଲ୍‌ରେ ପ୍ରବେଶ କଲାଣି କରୋନା
- ୧୨୦୨ କଏଦୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି
- ବ୍ରହ୍ମପୁର ସର୍କଲ୍ ଜେଲ୍‌ରୁ ସର୍ବାଧିକ ୫,୨୩୧ କଏଦୀ ମୁକ୍ତ ହୋଇଛନ୍ତି

**ଇ-ମୁଲାକାତ୍‌ରେ କଏଦୀଙ୍କୁ ଭେଟୁଛନ୍ତି ସମ୍ପର୍କୀୟ**

ଜେଲ୍‌ରେ ସଂକ୍ରମଣ ରୋକିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ନିଆଯାଇଛି। କେବଳ ଇ-ମୁଲାକାତ୍ ମାଧ୍ୟମରେ ସମ୍ପର୍କୀୟଙ୍କ ସହ କଏଦୀମାନେ ସାକ୍ଷାତ କରିପାରୁଛନ୍ତି। ଆଇନଜୀବୀ କିମ୍ବା ସମ୍ପର୍କୀୟଙ୍କୁ କଏଦୀଙ୍କ ପାଖକୁ ଛଡ଼ାଯାଉନାହିଁ। ଭିଡିଓ କନଫରେନ୍ସ ଜରିଆରେ କଥା ହେଉଛନ୍ତି। ସେହିଭଳି ଜେଲ୍‌କୁ ଆସୁଥିବା କଏଦୀମାନଙ୍କ ଥର୍ମାଲ୍ ସ୍କ୍ରିନିଂ ମଧ୍ୟ କରାଯାଉଛି। ନୂଆ କଏଦୀଙ୍କୁ ସ୍ୱତନ୍ତ୍ର ସେଲ୍‌ରେ ୧୪ ଦିନ ପାଇଁ ସଙ୍ଗରୋଧରେ ରଖାଯାଉଛି।

**ସଂକ୍ଷେପରେ**

## ଲାଞ୍ଚ ନେଇ ପୋଲିସ ସବ୍‌ଇନ୍ସପେକ୍ଟର ଗିରଫ



**ବଲାଙ୍ଗୀର ଅଫିସ, ୨୯।୭:** ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପୋଲିସ ସବ୍‌ଇନ୍ସପେକ୍ଟର ସରୋଜ ରଞ୍ଜନ ରଥ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ୍ କରାଯାଇଛି। ୨୦୧୯ ଫେବୃୟାରୀ ୨୦ରେ ମୁରିବାହାଲ ଥାନା ଗୁଡିଘାଟ(ଖରାବାହାଲି) ଗ୍ରାମର ମାନସ ପ୍ରଧାନଙ୍କ ବିରୋଧରେ ଜଣେ ମହିଳା ଅଭିଯୋଗ କରିଥିଲେ। ତାଙ୍କ ନାଁରେ ଥାନାରେ ଏକ ମାମଲା (ନଂ.୨୧/୧୯) ରୁଜୁ ହୋଇଥିଲା। ତଦନ୍ତ ବେଳେ ଏହି ମାମଲା ଉପରେ ହାଲ୍‌କା ରିପୋର୍ଟ ଦେବେ କହି ପୋଲିସ ସବ୍‌ଇନ୍ସପେକ୍ଟର ରଥ ଅଭିଯୁକ୍ତଙ୍କ ବଡଭାଇ ସଞ୍ଜୀବ ପ୍ରଧାନଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସଞ୍ଜୀବ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୧/୨୦) ରୁଜୁ ହେବା ସହ ବୁଧବାର ଚଢ଼ାଉ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ସଞ୍ଜୀବଙ୍କଠାରୁ ଥାନାରେ ପୋଲିସ ସବ୍‌ଇନ୍ସପେକ୍ଟର ରଥ ୧୦ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କ୍ରଶର ପରିସରରୁ ବିସ୍ଫୋରକ ଜବତ

**ପଟ୍ଟାଙ୍ଗୀ, ୨୯।୭(ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ବାଉଁଶଗୁଡ଼ା ଗାଁ ନିକଟରେ ଥିବା କ୍ରଶରରୁ ସ୍ଥାନୀୟ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। କ୍ରଶରରେ ୧୫ ପ୍ୟାକେଟ(୩୦ ବାକ୍ସ ଜିଲୋଟିନ, ୨୦ ବାକ୍ସ ଆମୋନିଆ ଏବଂ ୨୦୦୦ ଇଡି) ବେଆଇନଭାବେ ରଖାଯାଇଥିବା ନେଇ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଖବର ପାଇଥିଲେ। ଏହାପରେ ପଟ୍ଟାଙ୍ଗୀ ପୋଲିସ ପହଞ୍ଚି ସେଠାରୁ ୨ ପ୍ୟାକେଟ ବିସ୍ଫୋରକ ଜବତ କରିଛି। ଏଥିରେ ୩୦ ପିସ୍ କୋଡେକ୍ସ ୱ୍ୟାର, ୨୦୦ ପିସ୍ ଜିଲୋଟିନ ଏବଂ ଡିଟୋନେଟର ରହିଛି। ବାକି ୧୩ ବିସ୍ଫୋରକ ପ୍ୟାକେଟ ପୋଲିସ ଆସିବା ଆଗରୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଇଥିଲା। ଏହି ଘଟଣାରେ ସୁପ୍ରଭାଇଜର ବି.ବାଲୁଙ୍କୁ ଗିରଫକରି ପୋଲିସ କୋର୍ଟଚାଲାଣ କରିଛି। କ୍ରଶର ମାଲିକ ଶ୍ରୀନିବାସ ରେଡ୍ଡୀ ଫେରାର ହୋଇଯାଇଛନ୍ତି। ୭୨/୨୦ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି।



ବର୍ଷୀୟାନ ଅଭିନେତା ବିଜୟ ମହାନ୍ତିଙ୍କ ଦଶାହ ଅବସରରେ ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଡ୍ରାମା ବିଭାଗର ୧୯୯୦ ବ୍ୟାଚ୍ ଆଲୁମ୍‌ନି ପକ୍ଷରୁ ବିନ୍ଦୁସାଗରରେ ତିଳତର୍ପଣ କରାଯାଉଛି।

## ବିଜୟ କୁମାର ନାଲ୍‌କୋ ପ୍ରଡକ୍ସନ ନିର୍ଦ୍ଦେଶକ



**ବଅଁରପାଳ, ୨୯।୭(ଡି.ଏନ.ଏ.):** ଅନୁଗୋଳ ଜିଲା ବଅଁରପାଳଠାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ନୂତନ ପ୍ରଡକ୍ସନ ନିର୍ଦ୍ଦେଶକ ଭାବେ ବିଜୟ କୁମାର ଦାସଙ୍କୁ ବୁଧବାର ମନୋନୀତ କରାଯାଇଛି। ବର୍ତ୍ତମାନ ସେ ନାଲ୍‌କୋ କର୍ପୋରେଟରେ ନିର୍ବାହୀ ନିର୍ଦ୍ଦେଶକ ରହିଛନ୍ତି। ଏବେ ପ୍ରଡକ୍ସନ ନିର୍ଦ୍ଦେଶକ ରହିଥିବା ଭି. ବାଲ୍ ସୁବ୍ରମଣ୍ୟମଙ୍କ କାର୍ଯ୍ୟକାଳ ଆସନ୍ତା ଡିସେମ୍ବରରେ ଶେଷ ହେବ। ତେଣୁ ଏହି ପଦବୀ ପାଇଁ ବୁଧବାର ଏକ ସାକ୍ଷାତକାର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଇଡି ବିଜୟ କୁମାର ଦାସ, ଇଡି କାର୍ତ୍ତିକଙ୍କର ପଣ୍ଡା, ମହାପ୍ରବନ୍ଧକ ସୁଶୀଲ କୁମାର ପାଢ଼ି, ମହାପ୍ରବନ୍ଧକ ଅମିୟ କୁମାର ସ୍ୱାଇଁ, ଭୀମସେନ ପ୍ରଧାନ, ସୁଧୀର ରଞ୍ଜନ ପଟ୍ଟନାୟକ, ସତୀଶ କୁମାର ରାୟ ଓ ପୁନିତ କୁମାର ଶର୍ମା ପ୍ରମୁଖ ସାକ୍ଷାତକାରରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଜୟ କୁମାରଙ୍କୁ ଏହି ବିଭାଗର ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଆସନ୍ତା ଜାନୁୟାରୀରେ ବିଜୟ କୁମାର ନୂଆ ଦାୟିତ୍ୱ ନେବେ ବୋଲି ଜଣାପଡିଛି। ନାଲ୍‌କୋ ଏମ୍ପ୍ଲଇଜ ସଂଘର ନିର୍ମଳ ସାମଲ, ଏନ୍‌ଏସ୍‌ସିୟୁର ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ସୁଜିତ ସେଠ, ମନୋଜ ସ୍ୱାଇଁ, ଶ୍ରମିକ ନେତା ବିନୋଦ ସାମଲ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବସ୍‌ଷ୍ଟାଣ୍ଡରେ ପ୍ରସବ କଲେ ମହିଳା



ଆମ୍ବୁଲାନ୍ସରେ ମହିଳା ଓ ଶିଶୁକନ୍ୟାକୁ ନିଆଯାଉଛି।

ନୟାଗଡ଼ ଅଫିସ, ୨୯।୭

**କରୋନା କହି ସ୍ୱାସ୍ଥ୍ୟକେନ୍ଦ୍ରରୁ ତଡ଼ିଦେଲେ**

କରୋନା ଆକ୍ରାନ୍ତ କହି ସ୍ୱାସ୍ଥ୍ୟକେନ୍ଦ୍ରରୁ ରାତିରେ ଜଣେ ଗର୍ଭବତୀଙ୍କୁ ତଡିଦିଆଗଲା। ରାତିତମାମ ବସ୍‌ଷ୍ଟାଣ୍ଡରେ ଛୋଟ ଝିଅକୁ ଧରି ସମୟ ଅତିବାହିତ କଲେ ମହିଳା। ବୁଧବାର ସକାଳେ ସେ ଏକ ଶିଶୁକନ୍ୟାକୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡିଥିଲେ। ଏପରି ସମୟରେ ଜଣେ ଖବରଦାତା ଦେବଦୂତ ସାଜି ପ୍ରସୂତି ସହ ନବଜାତ ଶିଶୁକନ୍ୟାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନୟାଗଡ଼ ଜିଲା ରଣପୁର ବ୍ଲକ ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁସାରେ ରଣପୁର ବ୍ଲକ ଗୁଣ୍ଡୁରିଆ ଗାଁର ହାଇଦର ଖାଁଙ୍କ ସ୍ତ୍ରୀ ମୟୂରମ ବିବିଙ୍କର ମଙ୍ଗଳବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା। ସ୍ୱାମୀ ଅନୁପସ୍ଥିତ ଥିବାରୁ କୌଣସିମତେ ମୟୂରମ ୧୦୨ ଆମ୍ବୁଲାନ୍ସ ଡକାଇ ୧୦ ବର୍ଷର ଝିଅ ସହ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାତୃ ଶିଶୁ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ କରୋନା ହୋଇଛି ଦର୍ଶାଇ ଜଣେ ଷ୍ଟାଫ୍‌ନର୍ସ ତାଙ୍କୁ ତଡ଼ି ଦେଇଥିଲେ। ସେ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ନ ଥିଲେ। ଏଭଳି ସମୟରେ ମୟୂରମ କିଛି ଉପାୟ ନ ପାଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସୁନାଖଳା ବସ୍‌ଷ୍ଟାଣ୍ଡକୁ ଯାଇ ରାତି କଟାଇଥିଲେ। ବୁଧବାର ସକାଳେ ଶିଶୁକନ୍ୟା ଜନ୍ମ ହେବା ପରେ ପ୍ରସୂତି ନାହି ନାଡ କାଟିପାରି ନ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ପିଲା ବସ୍‌ଷ୍ଟାଣ୍ଡରେ ପଡି ରହିଥିଲେ। ଘଟଣାସ୍ଥଳରେ ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ସହଯୋଗରେ ନାହି ନାଡକୁ କାଟିଥିଲେ। ପରେ ସେ ଶିଶୁକନ୍ୟା ସହ ମା' ଓ ବଡଝିଅକୁ ଧରି ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏ ନେଇ ସିଡିଏମ୍‌ଓ ରଞ୍ଜିତା ବିଶ୍ୱାଳ କୁହନ୍ତି, ଗତ ରାତିରେ କେହି ଗର୍ଭବତୀ ମହିଳାଙ୍କୁ ତଡିଦେଇ ନାହାନ୍ତି। ଜଣେ ପୁରୁଷ ଡାକ୍ତର ଥିବାରୁ ମହିଳା ଜଣକ ଚେକ୍‌ଅପ କରିବାକୁ ଦେଇ ନ ଥିଲେ। ଏପରି କି ସାଙ୍ଗରେ ଆଣିଥିବା ଝିଅକୁ ନେଇ କାହାକୁ ନ ଜଣାଇ ଚାଲିଯାଇଥିଲେ। ପିଲା ଜନ୍ମ ପରେ ପୁଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ।

# ନିୟମ ଉଲ୍ଲଂଘନ ନେଇ ବିଜେଡି-ଭାଜପା କଥା କଟାକଟି

ଭୁବନେଶ୍ୱର,୨୯।୭(ବ୍ୟୁରୋ)

**ବିଧାୟକ-ପୋଲିସ ମୁହାଁମୁହିଁ ଘଟଣା**

ସମ୍ବଲପୁର ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିଶେଷ ଭାବେ କୋଭିଡ୍ ଏବଂ ଅଣକୋଭିଡ୍ ରୋଗୀଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ବିଧାୟକ ଜୟନାରାୟଣ ମିଶ୍ର ଓ ବିଧାୟକ ନାଉରୀ ନାଏକ ମଙ୍ଗଳବାର ଯାଇଥିଲେ। ହେଲେ ସେମାନଙ୍କୁ ସେଠାରୁ ତଡ଼ି ଦେବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ନିନ୍ଦନୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିବା ସହିତ ଶାସକ ଦଳ ନେତାଙ୍କ ନିୟମ ଉଲ୍ଲଂଘନର ଫଟୋ ଜାରି କରାଯାଇଛି।

ବୁଧବାର ଏକ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପଶ୍ଚିମ ଓଡ଼ିଶାରେ କରୋନା ସ୍ଥିତି ସଙ୍ଗିନ ହେଉଛି। ଏହାର ସୁପରିଚାଳନା ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ବନ୍ଦୋବସ୍ତ ନେଇ ଜନ ପ୍ରତିନିଧି ଭାବେ ଦୁଇ ବିଧାୟକଙ୍କ ବଡ଼ ଦାୟିତ୍ୱ ରହିଛି। ଏହି ଦାୟିତ୍ୱକୁ ପାଳନ କରିବା ପାଇଁ ଏମାନେ ବଦ୍ଧ ପରିକର। ଜୟନାରାୟଣ ଓ ନାଉରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଜଣା ନୁହନ୍ତି। ସେମାନେ ନିର୍ବାଚିତ ଜନ ପ୍ରତିନିଧି। ଜିଲାପାଳ ସୌଜନ୍ୟତା ଦୃଷ୍ଟିରୁ ସେମାନଙ୍କୁ ଦେଖା କରିପାରିଥାଆନ୍ତେ। ମାତ୍ର ଯାହା ବ୍ରିଟିଶ ଶାସନରେ ହୋଇ ନ ଥିଲା, ମାତ୍ର ଜିଲାପାଳ ଦୁଇ ବିଧାୟକଙ୍କ ବିରୋଧରେ ବିଭିନ୍ନ ସଙ୍ଗିନ ଦଫା ଲଗାଇ ଜୋର ଜବରଦସ୍ତ ପାଟି ବନ୍ଦ କରିବାକୁ ଅପଚେଷ୍ଟା କରିଛନ୍ତି। ଜିଲା ପ୍ରଶାସନ ଯେତେ ବି ନାଲି ଆଖି ଦେଖାଇଲେ ଭାଜପା ଜନତାଙ୍କ ସମସ୍ୟା ଉଠାଇବ। ଶାସକ ଦଳ ବିଧାୟକ ଓ ମନ୍ତ୍ରୀମାନେ କୋଭିଡ୍ ନିୟମର ଉଲ୍ଲଙ୍ଘନ କରିଛନ୍ତି। ଶାସକ ଦଳ ପାଇଁ ଗୋଟିଏ ନିୟମ ହୋଇଥିବା ବେଳେ ବିରୋଧୀଙ୍କ ପାଇଁ କାହିଁକି ଅଲଗା ବୋଲି ସମୀର ପ୍ରଶ୍ନ କରିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଭାଜପା ଅଭିଯୋଗ ଉପରେ ପଲଟା ପ୍ରଶ୍ନ ଉଠାଇଛନ୍ତି, ଭାଜପା ବିଧାୟକ ୧୦୦ ଲୋକଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କର ଆଲୋଚନା କରିବାର ଥିଲା ତେବେ ୨ରୁ ୩ଜଣଙ୍କୁ ସାଙ୍ଗରେ ନେଇ ଯାଇଥାଆନ୍ତେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୋଭିଡ ନିୟମ ମାନିବାକୁ ବାରମ୍ବାର ଅନୁରୋଧ କରୁଥିବା ବେଳେ ଜଣେ ଜନ ପ୍ରତିନିଧି ହୋଇ ଗହଳି କରିବା ମାସ୍କ ନ ପିନ୍ଧିବା ଅତ୍ୟନ୍ତ ଖରାପ କଥା।

## କରୋନାକୁ ହରାଇଲେ ୮୫ ବର୍ଷୀୟ ପୁରୁଷ



କୁକୁଡାଖଣ୍ଡି ବିଡିଓ ଓ ମେଡିକାଲ ଅଫିସର ଅଭିମନ୍ୟୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଛତ୍ରପୁର,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୯।୭

ଗଞ୍ଜାମ ଜିଲାର ଜଣେ ୮୫ ବର୍ଷୀୟ ବ୍ୟକ୍ତି କରୋନାରୁ ସୁସ୍ଥ ହୋଇଛନ୍ତି। ସେ ହେଲେ କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁର ପଞ୍ଚାୟତର ଅଭିମନ୍ୟୁ ସାହୁ। ଅଭିମନ୍ୟୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଏବେ ଘରେ ସୁସ୍ଥ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ର ଓ ମେଡିକାଲ ଅଫିସର ରାମଚନ୍ଦ୍ର ମହାପାତ୍ର ଅଭିମନ୍ୟୁଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ଜିଲାପାଳ ଜଣାଇଛନ୍ତି। ସୂଚନାଯୋଗ୍ୟ, କରୋନା ଲକ୍ଷଣ ଥିବାରୁ ଗତ ୧୦ ତାରିଖରେ ଅଭିମନ୍ୟୁଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ୧୬ରେ ରିପୋର୍ଟ ପଜିଟିଭ୍ ଆସିବାରୁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଭିମନ୍ୟୁ ମାତ୍ର ୪ ଦିନରେ ସୁସ୍ଥ ହୋଇ ୨୦ ତାରିଖରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଏହାପୂର୍ବରୁ ସୋରଡ଼ା ବ୍ଲକ ଅନ୍ତର୍ଗତ ସରାବାଡ଼ିର ଜଣେ ୯୫ ବର୍ଷୀୟ ବ୍ୟକ୍ତି କରୋନାରୁ ସୁସ୍ଥ ହୋଇଛନ୍ତି।

# ମୃତ୍ୟୁର ୪ ଦିନ ପରେ ପରିବାରକୁ ଖବର

ବ୍ରହ୍ମପୁର ଅଫିସ,୨୯।୭

**ଟାଟା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା**





ଟାଟା କୋଭିଡ ହସ୍ପିଟାଲ।

ଗଞ୍ଜାମ ଜିଲାରେ ଏବେ କରୋନା ସ୍ଥିତି ଅସମ୍ଭାଳ ହୋଇପଡିଛି। ଶୀତଳାପଲ୍ଲୀରେ ଥିବା ଟାଟା କୋଭିଡ୍ ହସ୍ପିଟାଲରେ ସାଙ୍ଘାତିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମୃତ୍ୟୁ ହୋଇଥିବା ଜଣେ ରୋଗୀଙ୍କ ପରିବାରକୁ ଘଟଣାର ୪ ଦିନ ପରେ ଖବର ଦିଆଯାଇଛି। ଏହାକୁ ନେଇ ଏବେ ଉତ୍ତେଜନା ପ୍ରକାଶ ପାଇବା ସହ ଏହି ମାମଲା ଥାନା ପର୍ଯ୍ୟନ୍ତ ଯାଇଛି।

ଘଟଣାରୁ ପ୍ରକାଶ, ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଗଣପତି ନଗର ୨ୟ ସାହିର ବସନ୍ତ କୁମାର ସାହୁ (୪୯) ଗତ ୧୯ ତାରିଖରେ ଟାଟା କୋଭଡ୍ ହସ୍ପିଟାଲରେ ଆଡ୍‌ମିଟ୍ ହୋଇଥିଲେ। ଗତ ୨୪ ତାରିଖ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହ ବସନ୍ତ ଫୋନରେ କଥାବାର୍ତ୍ତା କରୁଥିଲେ। କିନ୍ତୁ ୨୪ ପରଠାରୁ ତାଙ୍କ ଫୋନ ଆଉ ଲାଗିଲା ନାହିଁ। ଫଳରେ ପରିବାର ଲୋକେ ହସ୍ପିଟାଲର ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ହେଲେ ତୁମ ରୋଗୀ ଆଇସିୟୁରେ ଅଛନ୍ତି, ଅକ୍ସିଜେନ ଲାଗିଛି ବୋଲି ହସ୍ପିଟାଲ କର୍ମଚାରୀ ପରିବାର ଲୋକଙ୍କୁ ସୂଚନା ଦେଉଥିଲେ। ୨୭ ତାରିଖ ପର୍ଯ୍ୟନ୍ତ ପରିବାର ଲୋକେ କୋଭିଡ୍ ହସ୍ପିଟାଲ ସହ କଥାବାର୍ତ୍ତା ଜାରି ରଖିଥିଲେ। କିନ୍ତୁ ମଙ୍ଗଳବାର ରାତିରେ ହସ୍ପିଟାଲରୁ ଫୋନ ଆସିଥିଲା ବସନ୍ତଙ୍କର ଗତ ୨୪ ତାରିଖରୁ ମୃତ୍ୟୁ ହୋଇସାରିଛି। ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ମଙ୍ଗଳବାର ରାତିରେ ବଡ଼ବଜାର ଥାନା ଓ ପରେ ଗୋପାଳପୁର ଥାନାକୁ ଯାଇ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲା ପରେ ଟାଟା କୋଭଡ୍ ହସ୍ପିଟାଲର ସିଇଓ ତଥା ହାଇଟେକ ମେଡିକାଲ କଲେଜର ଡା.ସଂଗ୍ରାମ ପାତ୍ର ଏକ ପ୍ରେସ ନୋଟ ଜାରି କରି ବସନ୍ତଙ୍କ ୨୪ ତାରିଖରେ ମୃତ୍ୟୁ ହୋଇଥିଲା। ହେଲେ ତାଙ୍କ ପରିବାର ଲୋକଙ୍କ ମୋବାଇଲ ନମ୍ବର କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ହୋଇପାରି ନ ଥିଲା। ମୃତଦେହକୁ ୪ ଦିନ ହେବ ସଂରକ୍ଷିତ କରି ରଖାଯିବା ସହ ପରିବାର ଲୋକଙ୍କୁ ଖୋଜିବାକୁ ବିଏମ୍‌ସି ଓ ଆସିକା ବିଡିଓଙ୍କୁ କୁହାଯାଇଥିଲା ବୋଲି ମେଡିକାଲ ଅଫିସର ଡା.ଉମାଶଙ୍କର ମିଶ୍ର କହିଛନ୍ତି।

# ରିଟେଲର ନେଇଛନ୍ତି ଏକାଧିକ କାର୍ଡ

ଯାଜପୁର ଅଫିସ, ୨୯।୭

**ପୁଣି ପଦାରେ ପଡିଲା ରାଶନକାର୍ଡ ଦୁର୍ନୀତି**
- ଚାହିଁ ରହିଛନ୍ତି ପ୍ରକୃତ ହିତାଧିକାରୀ
- ହାଇକୋର୍ଟରେ ମାମଲା ରୁଜୁ ପାଇଁ ପ୍ରସ୍ତୁତ

ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ରିଟେଲରମାନେ ତାଙ୍କ ପରିବାରବର୍ଗଙ୍କ ନାମରେ ଏକାଧିକ ରାଶନକାର୍ଡ ଓ ଅନ୍ତ୍ୟୋଦୟ କାର୍ଡ ହାତେଇଥିବା ସୂଚନା ମିଳିଛି। ଗଳାବାଟରେ ରିଟେଲରମାନେ ଶତାଧିକ ମୃତ ବ୍ୟକ୍ତିଙ୍କ ନାମରେ କାର୍ଡ ରଖିଥିବାବେଳେ ବାସ୍ତବ ହିତାଧିକାରୀ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଏ ନେଇ ହାଇକୋର୍ଟରେ ଅଭିଯୋଗ ହେବାପରେ ମିଥ୍ୟା ସତ୍ୟପାଠ ଦାଖଲ ଏବଂ ହିତାଧିକାରୀଙ୍କୁ ମତ ବଦଳାଇବାକୁ ହାତଗୁଞ୍ଜା ଦେଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଆଉ କେତେ ପ୍ରମାଣ ଦେଲେ ଜିଲା ପ୍ରଶାସନ ବିଶ୍ୱାସ କରି ଦୁର୍ନୀତିଗ୍ରସ୍ତ ରିଟେଲର, ଏମ୍‌ଆଇ ଓ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ନିକଟରେ ନ୍ୟାୟ ମିଳୁ ନ ଥିବାରୁ ରିଟେଲର ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ରାଶନକାର୍ଡ ଓ ଅନ୍ତ୍ୟୋଦୟ କାର୍ଡ ବିରୋଧରେ ପୁଣି ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଅଭିଯୋଗକାରୀ ବେହୁରା ସୂଚନା ଦେଇଛନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଅଣ୍ଡିଆ ପଞ୍ଚାୟତରେ ଚକ୍ରଧର ବଳ ରିଟେଲର ରହିଛନ୍ତି। ସେ ତାଙ୍କ ପରିବାରଙ୍କ ନାମରେ ୩ଟି କାର୍ଡ ନେଇଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ଓ ବୋହୂଙ୍କ ନାମରେ ୨ଟି ଅନ୍ତ୍ୟୋଦୟ କାର୍ଡ ରହିଛି। ମାସକୁ ୩୫ କିଗ୍ରା ଚାଉଳ ଅନୁସାରେ ୨ ଜଣଙ୍କ ନାମରେ ୭୦ କିଗ୍ରା ଲେଖାଏଁ ଚାଉଳ ଦୀର୍ଘ ବର୍ଷ ଧରି ହଡ଼ପ କରି ଚାଲିଛନ୍ତି। ସେହିପରି ବଳଙ୍କ ଅବିବାହିତ ଝିଅଙ୍କ ନାମରେ ମଧ୍ୟ ଏକ ରାଶନକାର୍ଡ ରହିଛି। ଏହି ବ୍ଲକର ଉତ୍ତରପ୍ରତାପ ପଞ୍ଚାୟତର ରିଟେଲର ଜୟରାମ ସାହୁ ତାଙ୍କ ସ୍ତ୍ରୀଙ୍କ ନାମରେ ରାଶନକାର୍ଡ ଓ ମା'ଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡ ନେଇଛନ୍ତି। ଏହାସହ ୨ ଥିଲାବାଲା ଭାଇଙ୍କ ନାମରେ ମଧ୍ୟ ରାଶନକାର୍ଡ ହାସଲ କରିଥିବା ଜଣାପଡିଛି। କ୍ଷେତ୍ରପାଳ ପଞ୍ଚାୟତର ରିଟେଲର ରବୀନ୍ଦ୍ର ଦାସ ତାଙ୍କ ସ୍ତ୍ରୀଙ୍କ ନାମରେ ରାଶନକାର୍ଡ ପାଇଥିବା ବେଳେ ଥିଲାବାଲା ୪ ଭାଇଙ୍କ ନାମରେ ରାଶନକାର୍ଡ ହାତେଇଛନ୍ତି। ଦୁଇ ମହଲା ପକ୍କାଘର ଥାଇ କେମିତି ରାଶନକାର୍ଡ ପାଇଲେ କିମ୍ବା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଡ ଫେରାଇଲେ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗକାରୀ ବେହୁରା ଦାବି କରିଛନ୍ତି। ଏହା ପୂର୍ବରୁ ଜିଲାର ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ହିତାଧିକାରୀ ମୃତ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାମରେ ରାଶନ ସାମଗ୍ରୀ ହଡପ ଘଟଣା ଜଣାପଡିବା ପରେ ବିଭିନ୍ନ ଗ୍ରାମର ଏକାଧିକ ପରିବାର ନାମରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ହୋଇଥିଲା। ଏ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୁର୍ନୀତିଖୋର ଡିଲର ଓ ପ୍ରଚ୍ଛଦପଟରେ ସହଯୋଗୀ ସାଜିଥିବା କର୍ମଚାରୀ ତଥା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ଉପଜିଲାପାଳ, ଡିଆର୍‌ଡିଏର ପିଡି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସାମାଜିକ କର୍ମୀ ବେହୁରା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହାପରେ ମିଥ୍ୟା ସତ୍ୟପାଠ ନାଟକ ଦେଖିବାକୁ ମିଳିଥିଲା। ଏହାର ତଦନ୍ତ କରିବାକୁ ଯାଇ ଏମ୍‌ଆଇ ଗ୍ରାମବାସୀଙ୍କ ଦ୍ୱାରା ହଟହଟା ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଭଳି ସ୍ଥିତିରେ ରିଟେଲରମାନେ ତାଙ୍କ ପରିବାରବର୍ଗଙ୍କ ନାମରେ ରାଶନ ଓ ଅନ୍ତ୍ୟୋଦୟ କାର୍ଡ ହାସଲ କରିବା ଜିଲାର ଯୋଗାଣ ବିଭାଗର ଅକ୍ଷମତାକୁ ପଦାରେ ପକାଇଛି। ଜିଲାର ହଜାର ହଜାର ପରିବାର କୁଡ଼ିଆ ଘରେ ଅତି ଦୟନୀୟ ଭାବେ ବାସ କରୁଛନ୍ତି। ସେମାନଙ୍କୁ ରାଶନକାର୍ଡ ମିଳୁ ନ ଥିବାବେଳେ କେତେଜଣ ଥିଲାବାଲା ବ୍ୟକ୍ତି ରାଜନୈତିକ ଛତ୍ରଛାୟା ତଳେ ରହି ଏସବୁର ଲାଭ ଉଠାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ତଦନ୍ତ ହେବ। ତେବେ ଧର୍ମଶାଳା ବ୍ଲକର ରିଟେଲରମାନେ କାର୍ଡ ହାତେଇଥିବା ଅଭିଯୋଗ ଏ ଯାଏ ସେ ପାଇନାହାନ୍ତି। ଅଭିଯୋଗ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

